Odia Daily

www.theutkalsamachar.com

ଉତ୍କଳ ସମାଚାର

ଚୈତନ୍ୟମୟ ଚେତନାର ପ୍ରକାଶକ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:292✦ 19 February 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୯୨✦୧୯ ଫେବୃଆରୀ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୩ ଏଆଇ ମହାଶକ୍ତି ମଧ୍ୟରେ ଭାରତ ରହିବ : ମୋଦୀ

ନୂଆଦିଲ୍ଲୀ,୧୮/୨:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ୨୦୪୭ ସୁଦ୍ଧା ବିଶ୍ୱର ଶୀର୍ଷ ତିନି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମହାଶକ୍ତି ମଧ୍ୟରେ ସ୍ଥାନ ଦେବାର ଏକ ସାହସୀ ଲକ୍ଷ୍ୟ ରଖିଛନ୍ତି । କେବଳ ଏଆଇର ଉପଭୋକ୍ତା ଭାବେ ନୁହେଁ, ବରଂ ଏହାର ସୃଷ୍ଟିରେ ସକ୍ରିୟ ଭୂମିକା ନେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬' ଅବସରରେ ଏଏନ୍‌ଆଇ ସହ ଏକ ବିଶେଷ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ଏଆଇ ସଂପର୍କରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଭାରତର ଏଆଇ ଅଭିଯାନକୁ ସେ 'ବିକଶିତ ଭାରତ'ର ଏକ ମୁଖ୍ୟ ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି, ଯେଉଁଠାରେ ଏଆଇ ମାନବକେନ୍ଦ୍ରିକ, ସମାବେଶୀ ଏବଂ ଜାତୀୟ ମୂଲ୍ୟବୋଧ ସହିତ ସଂଯୁକ୍ତ ରହିବ । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏଆଇ ଆମ୍ଭନିର୍ଭରଶୀଳତାର ଅର୍ଥ ହେଉଛି ଡିଜିଟାଲ୍ ଶାସନରେ ଭାରତ ନିଜସ୍ୱ କୋଡ୍ କେଖିବ ଏବଂ ଆମେ ଏ ଦିଗରେ ଅଗ୍ରସର ହେଉଛୁ । ପ୍ରଧାନମନ୍ତ୍ରୀ ଭାରତର ଏଆଇ କ୍ଷେତ୍ରରେ କରୁଥିବା ଆତ୍ମନିର୍ଭରତାକୁ ବର୍ଣ୍ଣାଇ କହିଛନ୍ତି, ଏବେ ଦେଶ ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସରୁ ଜଣାପଡୁଛି ଯେ ଗବେଷଣା, ପ୍ରତିଭା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବିଶ୍ୱରେ ଦୃଢୀୟ ସ୍ଥାନରେ ରହିଛି । ଏଆଇ ବିଭାଜନ କିମ୍ବା ନିୟନ୍ତ୍ରଣର ଉତ୍ସ ନୁହେଁ, ବରଂ ସୁଯୋଗ ଓ ମର୍ଯ୍ୟାଦାର ଏକ ସମାଶ୍ରୀକରଣ ଅଧ୍ୟାୟ ହେବା ଉଚିତ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏଆଇ ସମ୍ମିଳନୀର ମୂଳ ମନ୍ତ୍ର 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ ପାଇଁ କଲ୍ୟାଣ, ସମସ୍ତଙ୍କ ପାଇଁ ସୁଖ) ଉପରେ ଆଧାରିତ । ଏହା ନୀତି ସ୍ତରରେ ଗଠିତ ଏବଂ ତାହା ହେଉଛି- ଲୋକ, ପରିବେଶ ଏବଂ ଅଗ୍ରଗତି । ମୋଦୀ କହିଛନ୍ତି, 'ଏଆଇ ଏକ ସର୍ବାଙ୍ଗୀଣ ପରିବର୍ତ୍ତନ ବିନ୍ଦୁରେ ରହିଛି । ଏହା ମାନବ କ୍ଷମତାକୁ ଅଭୂତପୂର୍ବ ଭାବେ ବଢ଼ାଇପାରେ, କିନ୍ତୁ ଅନିୟନ୍ତ୍ରିତ ରହିଲେ ସାମାଜିକ ଭିତ୍ତି ପାଇଁ ଚ୍ୟାଲେଞ୍ଜ ଆଣିପାରେ । ଏଆଇର ବ୍ୟାପକତାକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ସମାବେଶୀ ଫଳାଫଳ ଏବଂ ଗ୍ଲୋବାଲ୍ ସାଉଥର ଅଣ-ପ୍ରତିନିଧିତ୍ୱ ସ୍ପଷ୍ଟକୁ ବଢ଼ାଇବ । ଏଆଇ ଶାସନ, ସମାବେଶୀ ଡାଟାସେଟ୍, ଜଳବାୟୁ, କୃଷି, ସ୍ୱାସ୍ଥ୍ୟ ଏବଂ ବହୁଭାଷାର ପ୍ରବେଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ଆମର ଦୃଷ୍ଟିକୋଣ ସ୍ପଷ୍ଟ । ଏଆଇ ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ଗଭୀର ମାନବକେନ୍ଦ୍ରିକ ରହିବ । ମୋଦୀ ଏଆଇକୁ '୨୦୪୭-ବିକଶିତ ଭାରତ' ଯାତ୍ରାରେ ଏକ ପରିବର୍ତ୍ତନକାରୀ ସାଧନ ଭାବରେ ବର୍ଣ୍ଣନା କରିଛନ୍ତି । ଏଆଇ ସହର-ଗ୍ରାମାଞ୍ଚଳ ବିଭାଜନକୁ ଦୂର କରିବ, ସମାନ ସୁଯୋଗ ପ୍ରଦାନ କରିବ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ ବୋଲି ସେ କହିଛନ୍ତି । ଆମେ ପ୍ରାଥମିକ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା, ମଧୁମେହ ରେଟିନୋପାଥି, ଏପିଲେପ୍ସି ଏବଂ ଅନ୍ୟାନ୍ୟ ରୋଗର ପ୍ରାରମ୍ଭିକ ଚିହ୍ନଟ ପାଇଁ ଏଆଇ-ଆଧାରିତ ସମାଧାନ ଦେଖୁଛୁ । ଶିକ୍ଷା କ୍ଷେତ୍ରରେ ଭାରତୀୟ ଭାଷାରେ ଏଆଇ-ଚାଳିତ ବ୍ୟକ୍ତିଗତ ଶିକ୍ଷା ପ୍ଲାଟଫର୍ମ ପ୍ରୋମାଟଙ୍ଗ ଓ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶୈକ୍ଷିକ ସହାୟତା ପାଇବାରେ ସାହାଯ୍ୟ କରୁଛି । ଏକ ଅନ୍ୟ ପଦକ୍ଷେପରୁଗେ 'ଅମୁଲ୍' ହଜାର ହଜାର ଗ୍ରାମର ୩୬ ଲକ୍ଷ ମହିଳା ଦୁଗ୍ଧଚାଷୀଙ୍କ ପାଖରେ ପହଞ୍ଚିବା ପାଇଁ ଏଆଇର ବ୍ୟବହାର କରୁଛି । ଗୁଜୁରାଟରେ ଗୋଖାଦ୍ୟ ଓ ଉତ୍ପାଦନ ଉପରେ ମାର୍ଗଦର୍ଶନ ପ୍ରଦାନ କରୁଛି । ଏଥିସହିତ ବୃଣମୂଳ ସ୍ତରର ମହିଳା ଉତ୍ପାଦକମାନଙ୍କୁ ସଶକ୍ତ କରୁଛି ।

ବିଧାନସଭାରେ ବିଜେଡି-ବିଜେପି କଳି

ଇନପୁଟ୍ ସବସିଡି ନେଇ ଟଣାଓଟରା

ଭୁବନେଶ୍ୱର, ୧୮/୨(ନି/ପ୍ର): ବିଧାନସଭାରେ ବିଜେଡି-ବିଜେପି ଇନପୁଟ୍ ସବସିଡି କଳି । ଇନପୁଟ୍ ସହାୟତା ନେଇ ଯୋଗାଣ ମନ୍ତ୍ରୀଙ୍କ ଉତର ପରେ ସରକାରଙ୍କୁ ଟାର୍ଗେଟ୍ କଲେ ବିରୋଧୀ ଦଳ ଉପନେତା । ୮୦୦ ବବକରେ କାହିଁକି ୭୩୧ ଟଙ୍କା ଦେଉଛନ୍ତି ପଚାରିଲେ ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି ଯେ, ଚାଷୀଙ୍କୁ ୮୦୦ ଟଙ୍କା ଦେବେ ବୋଲି ବିଜେପି ସରକାର ଘୋଷଣା କରିଥିଲେ, ହେଲେ ୭୩୧ ଟଙ୍କା କାହିଁକି ଦେଉଛନ୍ତି । ଚାଷୀଙ୍କୁ ୬୯ ଟଙ୍କା କାହିଁକି ବଣ୍ଟିତ କରାଯାଉଛି ? ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଭିଯୋଗ ପରେ ବିଜେପିର ଅଶ୍ୱିନୀ ଷଡ଼ଙ୍ଗୀ ଜବାବ ରଖିଛନ୍ତି । ସେ କହିଛନ୍ତି ଯେ, ଯିଏ ୧୦୦ ଟଙ୍କା ଘୋଷଣା କରି ଦେଇନଥିଲେ, ସେମାନେ କେଉଁ ମୁହଁରେ ୮୦୦ ଟଙ୍କା କଥା କହୁଛନ୍ତି । ଆମେ ନିର୍ବାଚନ ବେଳେ ୩୧୦୦ ଟଙ୍କା ଦେବୁ ବୋଲି କହିଥିଲୁ, ଆଉ ଦେଉଛୁ । ସୂଚନା ଥାଉକି, ଚାଷୀଙ୍କୁ କେତେ ଟଙ୍କା ଇନପୁଟ୍ ସବସିଡି ମିଳୁଛି ବୋଲି ବିଜେଡି ବିଧାୟକ ରୋମାଟ ରଞ୍ଜନ ବିଶ୍ୱାଳ ପ୍ରଶ୍ନ କରିଥିଲେ । ଯୋଗାଣ ମନ୍ତ୍ରୀ ଏହାର ଉତ୍ତରରେ କହିଥିଲେ ଯେ, ଚାଷୀଙ୍କୁ ୮୦୦ ଟଙ୍କା ନୁହେଁ ୭୩୧ ଟଙ୍କା ଇନପୁଟ୍ ସବସିଡି ମିଳୁଛି । କେନ୍ଦ୍ର ୨୩୬୧୯ ଧାନ କିଣୁଛି, ରାଜ୍ୟ ସରକାର ୭୩୧ ଟଙ୍କା ଦେଉଛନ୍ତି । ଯଦି ସରକାର ୮୦୦ ଟଙ୍କା ଦେଇଥାନ୍ତେ ତାହେଲେ ୩୧୬୯ ଟଙ୍କାରେ ଧାନ କିଣିଥାନ୍ତେ । ତେବେ ଏନେଇ ମନ୍ତ୍ରୀଙ୍କ ଉତର ପରେ ସରକାରଙ୍କୁ ବିଜେଡି ଟାର୍ଗେଟ୍ କରିଛି ।

ପୋଲିସ, ଅବକାରୀ ଏବଂ ବନ ବିଭାଗର ମିଳିତ ଚଢାଉ

୩ ଏକର ଜମିରେ ୪୨ ଲକ୍ଷ ଟଙ୍କା ଅଫିମ ଚାଷ ନଷ୍ଟ

ରାଉରକେଲା,୧୮/୨(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ଗୁପ୍ତସୂଚିଆ ପୋଲିସ ଦ୍ୱାରା ବୁଧବାର ଏକ ବଡ଼ ଧରଣର ନିଶା ନିବାରଣ ଅଭିଯାନ ଆରମ୍ଭ କରାଯାଇଥିଲା । ଫଳରେ ପଙ୍କଡିହି ପଂଚାୟତ ଅନ୍ତର୍ଗତିଃ ଜଡା ଗ୍ରାମରେ ପ୍ରାୟ ତିନି ଏକର ଜମିରେ ବ୍ୟାପିଥିବା ବେଆଇନ ଅଫିମ ଚାଷୀମାନଙ୍କୁ ନଷ୍ଟ କରାଯାଇଥିଲା । ସୂଚନା ଅନୁସାରେ, ପୋଲିସ, ଅବକାରୀ ବିଭାଗ ଓ ବନ ବିଭାଗର ଏକ ମିଳିତ କାର୍ଯ୍ୟାନୁଷ୍ଠାନରେ ବେଆଇନ ଭାବେ ଚାଷ କରିଯାଇଥିବା ଅଫିମ ଚାଷକୁ ନଷ୍ଟ କରାଯାଇଥିଲା । ଅବକାରୀ ବିଭାଗରେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୨ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି । । ପୋଲିସ୍ ପକ୍ଷରୁ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ଅଫିମର ପରବର୍ତୀ ପ୍ରକ୍ରିୟାକରଣ ଏବଂ ବଟମନକୁ ରୋକିବା ପାଇଁ ଘଟଣାସ୍ଥଳରେ ଠିଆ ହୋଇଥିବା ଅଫିମ ଗଛଗୁଡ଼ିକୁ ଉପାଡ଼ି ନଷ୍ଟ କରିଦିଆଯାଇଥିଲା । ଏହି କାର୍ଯ୍ୟାନୁଷ୍ଠାନରେ ରାଉରକେଲା ପୋଲିସ ସହିତ ଅବକାରୀ ବିଭାଗ ଏବଂ ବନ ବିଭାଗର ଅଧିକାରୀମାନେ ମିଳିତ ଚଢାଉ କରିଥିଲେ । ଏହି ଅଭିଯାନ ଅଟଳରେ ବେଆଇନ ନିଶା ଚାଷ ଏବଂ ଚାଲାଣ ଉପରେ ଏକ କାର୍ଯ୍ୟାନୁଷ୍ଠାନର ଅଂଶ ଥିଲା । ପ୍ରାଥମିକ ତଦନ୍ତରୁ ଚାଷ ପଛରେ ସଂଗଠିତ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସୂଚିତ ହେଉଛି । ଯଦିଓ ଏହି ଖବର ଲେଖାଯିବା ସମୟରେ କୌଣସି ବ୍ୟକ୍ତି ଗିରଫ ହୋଇନଥିବା ସ୍ପଷ୍ଟ ସୂଚନା ମିଳି ନାହିଁ । ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଏବଂ ଉପଯୋଗି ଦ୍ରବ୍ୟ କୌଣସି ଆନ୍ତଃ-ଜିଲ୍ଲା କିମ୍ବା ଆନ୍ତଃରାଜ୍ୟ ନେଟୱାର୍କ ସହିତ ଜଡିତ ଥିଲା କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି । ବରିଷ୍ଠ ଅଧିକାରୀମାନେ ସୂଚିତ କରିଛନ୍ତି ଯେ ନାର୍କୋଟିକ୍ ଡ୍ରଗ୍ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟନ୍ସ (ଘଉନଡଏ) ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ । ଏହିପରି ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ଦୁର୍ବଳ ଏବଂ ଜଙ୍ଗଲ ଜୁଳ ଅଟଳରେ ନଜର ମଧ୍ୟ ବୃଦ୍ଧି କରାଯାଇଛି । ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ପେପର୍ ସ୍ପ୍ରେ କରି ୬ ଲକ୍ଷ ଟଙ୍କାର ସୁନା ଲୁଟ୍

ଲୁଟେରା ଗିରଫ

ଭୁବନେଶ୍ୱର,୧୮/୨(ନି/ପ୍ର): ଭୁବନେଶ୍ୱର ଡମାଣ୍ଡୋ ଥାନା କଳିଙ୍ଗନଗରରେ ଗହଣା ଦୋକାନରୁ ଲୁଟ ଘଟଣାରେ ଲୁଟେରା ଗିରଫ । ପେପର୍ ସ୍ପ୍ରେ କରି ଲୁଟୁଥିଲା ୬ ଲକ୍ଷ ଟଙ୍କାର ସୁନା ଗହଣା । ଲୁଟ କରିଥିବା ଅଭିଯୁକ୍ତ ଜଣକ ଏକ ନାବାଳକ ବୋଲି ଜଣାପଡ଼ିଛି । ୧୭ ବର୍ଷୀୟ ନାବାଳକ ଏହି ଲୁଟ କରିଥିବା ପୁଲିସ ଜାଣିବାକୁ ପାଇବା ସହ ତାକୁ ଗିରଫ କରିଛି । ଗତକାଲି ଗ୍ରାହକ ହୋଇ ଗହଣା ଦୋକାନକୁ ଆସି, ଭଲଣୀ ବାହାଘର ପାଇଁ ଗହଣା କିଣିବା ବାହାନାରେ ଲୁଟ କରିଥିଲା ଦୁର୍ବୃତ୍ତ । ପୁରି ପିଛିବା ପରେ ପାଖରେ ଥିବା ଅନ୍ୟ ଚେନ୍ ସହ ମୁଡି ନେଇଗଲେ ଦୁର୍ବୃତ୍ତ । ଆଉ ଗଲା ବେଳେ ମୁହଁରେ ସ୍ପ୍ରେ ମାରିଲେ । ଏହି ଲୁଟେରା ପାଖାପାଖି ୫ଟି ମୁଡି, ଦୁଇଟି ସୁନା ଚେନ ନେଇଯାଇଥିବା ବେଳେ ପୁଲିସ ତାକୁ ଗିରଫ କରିଛି ।

ବାଂଲାଦେଶରେ ତାରିକ ରହମାନ ଯୁଗ

୪୯ ମନ୍ତ୍ରୀ ନେଲେ ଶପଥ, ଓମ୍ ବିର୍ଲା ଭେଟି ଦେଲେ ଶୁଭେଚ୍ଛା

ନୂଆଦିଲ୍ଲୀ,୧୮/୨: ବାଂଲାଦେଶ ରେ ନିକଟରେ ଅନୁଷ୍ଠିତ ୧୩ତମ ସଂସଦୀୟ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ବିପୁଳ ବିଜୟ ହାସଲ କରିଥିଲା । ଏହାପରେ ବବର ଅଧ୍ୟକ୍ଷ ତାରିକ ରହମାନ ମଙ୍ଗଳବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ପରମ୍ପରା ଭଙ୍ଗ କରି ରାଷ୍ଟ୍ରପତି ଭବନ ବବକରେ ସେ ସଂସଦରେ ଶପଥ ନେଇଥିଲେ । ଏହି ସମୟରେ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ ତାଙ୍କୁ ଶପଥପାଠ କରାଇଥିଲେ । ତାରିକଙ୍କ ଶପଥ ଗ୍ରହଣ ଉତ୍ସବରେ ୧୩ଟି ଦେଶର ନେତାଙ୍କ ସମେତ ୧୦୦୦ ଅତିଥି ସାମିଲ ହୋଇଥିଲେ । ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମାରୋହରେ ଯୋଗ ଦେଇଥିଲେ । ପରେ ସେ ତାରିକଙ୍କୁ ସାକ୍ଷାତ ମଧ୍ୟ କରିଥିଲେ । ବୈଠକରେ ଉଭୟ ନେତା ପାରସ୍ପରିକ ସହଯୋଗ ବଢ଼ାଇବା ଲାଗି ସହମତ ହୋଇଥିଲେ । ସେପରିକି ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଏବେଠୁ ବାଂଲାଦେଶରେ ତାରିକ୍ ରହମାନ ଯୁଗ ଆରମ୍ଭ ହୋଇଛି । ଶପଥ ଗ୍ରହଣ ପୂର୍ବରୁ ବିଏନ୍ ?ପି ସଂସଦୀୟ ଦଳ ବୈଠକରେ ତାରିକଙ୍କୁ ନେତା ଭାବେ ଚୟନ କରାଯାଇଥିଲା । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିୟା ଏବଂ ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମାନ୍‌ଙ୍କ ପୁତ୍ର । ଦୀର୍ଘ ୧୭ ବର୍ଷ ଧରି ଲଣ୍ଡନରେ ରହିବା ପରେ ଦୁଇ ମାସ ପୂର୍ବରୁ ବାଂଲାଦେଶ ଫେରିଥିଲେ । ତାରିକଙ୍କ ବ୍ୟତୀତ ୪୯ ଜଣ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ସେମାନଙ୍କ ମଧ୍ୟରୁ ୨୫ ଜଣ ହେଉଛନ୍ତି କ୍ୟାବିନେଟ୍ ମନ୍ତ୍ରୀ ଏବଂ ୨୪ ଜଣ ରାଷ୍ଟ୍ରମନ୍ତ୍ରୀ । ୨୫ କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରେ ଜଣେ ହିନ୍ଦୁ ନେତା ନିତାଲ ରାୟ ଚୌଧୁରୀ ଏବଂ ଜଣେ ବୌଦ୍ଧ ନେତା ବିପେନ୍ ଦେବାନ୍ ଚକ୍ମା ବି ଅଛନ୍ତି । ଗତ ଗୁରୁବାର ଦେଶରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିଏନ୍‌ପି ୨୯୯ରୁ ୨୦୯ଟି ଆସନ ଜିତିଥିଲା ।

ରାଜ୍ୟସଭା ନିର୍ବାଚନ : କଂଗ୍ରେସ ଗୋଟିଏ ପ୍ରାର୍ଥୀ ଦେବ

ଭୁବନେଶ୍ୱର,୧୮/୨(ନି/ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ରକାଦାମ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି କଂଗ୍ରେସ ରାଜ୍ୟସଭା ପାଇଁଗୋଟିଏ ପ୍ରାର୍ଥୀ ଦେବ । କେଉଁ ଭିତରୁ ଜଣଙ୍କୁ ପ୍ରାର୍ଥୀ କରିବୁ, ଏନ୍‌ହୋଇ ଜିତାଇବାକୁ ଚେଷ୍ଟା କରିବୁ । ନବୀନ ପଟ୍ଟନାୟକଙ୍କୁ ଆମ ସଭାପତି ଭେଟିବା ପରେ ଆହୁରି ସ୍ପଷ୍ଟତା ଆସିବ । ବିଜେଡି ସମର୍ଥନ ପାଇଁ ପ୍ରୟାସ କରିବାରେ କିଛି ଅସୁବିଧା ନାହିଁ । ମିଳିତ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେଉଛି । ଏହି ୪ଆସନକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଜା ଆରମ୍ଭ ହୋଇଯାଇଛି । ମମତା ମହନ୍ତ ଓ ସୁଚିତ କୁମାର ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବାରୁ ଦଳ ପାଇଁ ଦୁଇଟି ଆସନ ଅଭିଯାନ କରିବା ସହଜ ହୋଇଛି । ବିଜେପି ବାରମ୍ବାର ଯୁକ୍ତି ବାଢୁଛି ଯେ ତୃତୀୟ ଆସନ ବି ଅଭିଯାନ କରିବ । ତେବେ ଏହି ତୃତୀୟ ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ସ୍ପଷ୍ଟ ରହିଛି ।

ପ୍ରାର୍ଥୀ ପାଇଁ ପ୍ରୟାସ କରିବାରେ ବି କିଛି ଅସୁବିଧା ନାହିଁ ବୋଲି କାଦାମ କହିଛନ୍ତି । ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ ହେବାକୁ ଯାଉଛି । ଏପ୍ରିଲରେ ଓଡ଼ିଶାର ୪ଟି ଆସନ ଖାଲି ହେଉଥିବାରୁ ଏହି ଆସନ ଗୁଡିକରେ ଭୋଟ ଗ୍ରହଣ କରାଯିବ । ଓଡ଼ିଶାରୁ ସାଂସଦ ମମତା ମହନ୍ତ, ସୁଚିତ କୁମାର, ମୁନା ଖାଁ, ସେପଟେ ବିଜେଡି ଦୁଇଟି ଆସନ ପାଇଁ ଅଟଳ ଭିତ୍ତିରେ । ଦଳ ବାରମ୍ବାର ନବୀନ ନିବାସରେ ବୈଠକ କରି ଏହା ଉପରେ ଆଲୋଚନା କରୁଥିବା ଚର୍ଚ୍ଚା ହେଉଛି । ତେବେ ଯଦି କଂଗ୍ରେସ ପ୍ରାର୍ଥୀ ଦିଏ ତେବେ ବିଜେଡି ସମର୍ଥନ କରିବ ନା ନାହିଁ ତାହା ଉପରେ ନଜର ରହିଛି ।

ଜମ୍ମୁ-କାଶ୍ମୀର ଖୁବ୍ ଶୀଘ୍ର ଫେରି ପାଇବ ରାଜ୍ୟ ମାନ୍ୟତା : ସଙ୍କେତ ଦେଲେ କେନ୍ଦ୍ର ଆଇନମନ୍ତ୍ରୀ ମେଘୱାଲ

ଶ୍ରୀନଗର,୧୮/୨: ଜମ୍ମୁ-କାଶ୍ମୀର ଖୁବ୍ ଶୀଘ୍ର ରାଜ୍ୟ ମାନ୍ୟତା ଫେରି ପାଇବ ବୋଲି ସଙ୍କେତ ଦେଇଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ । ଲୋକମାନେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଖବର ଖୁବ୍‌ଶୀଘ୍ର ଶୁଣିବେ ବୋଲି ମେଘୱାଲ କହିଥିଲେ । ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସଙ୍ଗ ଖୁବ୍ ସମ୍ବେଦନଶୀଳ ବିଷୟ । ଶ୍ରୀନଗରରେ ଏଏଚଏଆରସିଶ୍ରୀ ଠାରେ ଟେଲି-ଲ' ନେଇ ଅନୁଷ୍ଠିତ କନ୍‌ଶାଳାରେ ଯୋଗଦେବା ଅବସରରେ ସାମ୍ବାଦିକଙ୍କ ସହିତ ଆଲୋଚନାବେଳେ ମେଘୱାଲ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ଏ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି । ଜମ୍ମୁ କାଶ୍ମୀର ଲୋକଙ୍କୁ ତାଙ୍କ ଅଧିକାର ମିଳିବ କିନ୍ତୁ ଏଥିପାଇଁ କିଛି ପ୍ରକ୍ରିୟା ରହିଛି । କେନ୍ଦ୍ର ସରକାର ଧାରା ୩୭୦ ଉଚ୍ଛେଦ କରିବା ଓ ଜମ୍ମୁ କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ପ୍ରଦେଶ - ଜମ୍ମୁ କାଶ୍ମୀର (ବିଧାନସଭା ସହିତ) ଏବଂ ଲଦାଖ (ବିଧାନସଭା ବିନା) ରେ ବିଭକ୍ତ କରିବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଉପଯୁକ୍ତ ସମୟରେ ଜମ୍ମୁ କାଶ୍ମୀରକୁ ରାଜ୍ୟର ମାନ୍ୟତା ପୁନଃସ୍ଥାପିତ କରାଯିବ । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି, ରାଜ୍ୟ ମାନ୍ୟତା ଫେରାଇବା ପାଇଁ ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି । ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛୁ । ରାଜ୍ୟ ମାନ୍ୟତା ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ଆମ ମଧ୍ୟରୁ କେହି ସନ୍ତୁଷ୍ଟ ହେବେ ନାହିଁ । ଜମ୍ମୁ କାଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶ ହେବା ପରେ ପ୍ରଥମ ବିଧାନସଭା ନିର୍ବାଚନ ୨୦୨୪ ରେ ଅନୁଷ୍ଠିତ ହୋଇଥିଲା । ସରକାରର ବାୟିତ୍ୱ ଗ୍ରହଣ କରିବା ପରେ ଓମାର ପ୍ରଥମ କ୍ୟାବିନେଟ ବୈଠକରେ ଜମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ଏକ ସଂକଳ୍ପ ପାରିତ କରିଥିଲେ । ପରେ ସେ ପ୍ର

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବିଜେପିରେ ସାମିଲ ହେଲେ ବିଜେଡି ଦଳର ନେତା ଓ କର୍ମୀ

କେନ୍ଦୁଝର,୧୮/୨(ନି/ପ୍ର): କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେପି ସଭାପତି ଶୁଭଦେବ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଆନନ୍ଦପୁର ମ୍ୟୁନିସିପାଲଟିର ପୂର୍ବତନ ଚେୟାରମ୍ୟାନ ତଥା ବିଜେଡି ନେତା ଶାନ୍ତନୁ ସେଠୀ ଏବଂ ପୂର୍ବତନ କାଉନସିଲରମାନେ ଭାରତୀ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେପି ଦଳରେ ଯୋଗଦେଇଛନ୍ତି । ସେହିଭଳି ସମାଜସେବୀ ବିଶ୍ୱନାଥପ୍ରତାପ ଜେନା ଏବଂ ତାଙ୍କର ଶତାଧିକ ସହଯୋଗୀ ଏହି ମିଶ୍ରଣ ପର୍ବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ,ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ,କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ,ଆନନ୍ଦପୁର ବିଧାନସଭା ନେତା ଆଲୋକ ସେଠୀ, ପସିପୁରା ବିଧାନସଭା ନେତା ଡ଼ଃ. ଶମ୍ଭୁନାଥ ରାଉତ,ଜିଲ୍ଲା ଉପସଭାନେତ୍ରୀ ଅସୀମା ମିଶ୍ର, ଶିକ୍ଷାର୍ଥି ସିଂ, ଜିଲ୍ଲା ସଂଗଠନର ସାଧାରଣ ସମ୍ପାଦକ ଅଗନୁ ଚରଣ ମହାନ୍ତ, ଯଶସ୍ୱୀନୀ ବଳ, ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ ଏବଂ ଦୀପକ କୁମାର ଜେନା ପ୍ରମୁଖ ଜଜରୀୟ ଏବଂ ବଜାୟ ଚୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଏହି ଦୁଇ ନେତାଙ୍କ ଯୋଗଦାନ ନିଶ୍ଚିତ ଭାବରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ ବିଜେପି ଦଳ ସଂଗଠନକୁ ଆହୁରି ମଜବୁତ କରିବ ବୋଲି ଜିଲ୍ଲା ସଭାପତି ଶୁଭଦେବ ମହାନ୍ତ ଏବଂ ସାଂସଦ ଅନନ୍ତ ନାୟକ ଦୃଢ଼ତା ପ୍ରକାଶ କରିଛନ୍ତି । ଜିଲ୍ଲା ସମ୍ପାଦକ ବୁଦ୍ଧିନ୍ତ କୁମାର ମହାନ୍ତ କାର୍ଯ୍ୟକ୍ରମ ସେସରେ ଉପସ୍ଥିତ ନେତୃବୃନ୍ଦ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

କେନ୍ଦୁଝରର ମୁକୁନାରେ ନବ ନିର୍ମିତ ବାବା ରାମେଶ୍ୱର ମହାଦେବ ମନ୍ଦିରର ପ୍ରଥମ ଜାଗର ମେଳା

କେନ୍ଦୁଝର,୧୮/୨(ନି/ପ୍ର): ସଦର ବ୍ଲକ ଅର୍ନ୍ତଗତ ବାରଗିପଦା ଫଂଚାୟତର ମୁକୁନା ଗ୍ରାମରେ ନବ ନିର୍ମିତ ଭବ୍ୟ ଶିବ ମନ୍ଦିରରେ ବାବା ରାମେଶ୍ୱର ମହାଦେବଙ୍କ ପ୍ରଥମ ଜାଗର ମେଳା ଭକ୍ତିମୟ ପରିବେଶରେ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ମୁକୁନା ଶ୍ରୀରାମ ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଏହି ଧାର୍ମିକ ଉତ୍ସବରେ ବାବା ରାମେଶ୍ୱର ବୋଲବମ୍ କମିଟି, ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସହ ସଂଗ୍ରାୟତ ଅଂଚଳବାସୀମାନଙ୍କ ଉଲ୍ଲେଖନୀୟ ସହଯୋଗ ରହିଥିଲା । ପ୍ରଭାତରୁ ହିଁ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନଙ୍କ ଭିଡ଼ ଲାଗିଥିଲା । ହର ହର ମହାଦେବ ଓ ବୋଲ ବମ୍ ଧ୍ୱନିରେ ସମଗ୍ର ଅଂଚଳ ମୁଖ୍ୟ ହୋଇଯାଇଥିଲା । ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁମାନେ ପବିତ୍ର ଜଳ ନେଇ ବାବା ରାମେଶ୍ୱର ମହାଦେବଙ୍କ ଲିଙ୍ଗରେ ଜଳାଭିଷେକ କରି ପୂଜାର୍ଚ୍ଚନା କରିଥିଲେ । ମନ୍ଦିରକୁ ବିଭିନ୍ନ ଫୁଲମାଳା, ଆଲୋକସଜ୍ଜା ଓ ପତାକାରେ ସୁନ୍ଦର ଭାବେ ସଜାଯାଇଥିଲା । ସକାଳେ ମଙ୍ଗଳା ଆରତି, ରୁଦ୍ରାଭିଷେକ ଓ ବେଦମନ୍ତ୍ର ଉଚ୍ଚାରଣ ସହ ପୂଜା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟାବେଳେ ଭଜନ-କୀର୍ତ୍ତନ ଓ ଜାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାତି ସାରା ଶିବଭକ୍ତମାନେ ଜାଗର ରହି ଭକ୍ତି ସଙ୍ଗୀତ ଓ ନାମ ସଙ୍କୀର୍ତ୍ତନରେ ମତ୍ତ ହୋଇଥିଲେ । ପ୍ରଥମ ବର୍ଷ ହୋଇଥିବେ ମଧ୍ୟ ମେଳାକୁ ନେଇ ଅଂଚଳରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଥିଲା । ମେଳା ପରିସରରେ ଭକ୍ତମାନଙ୍କ ସୁବିଧା ପାଇଁ ପାଣିପାନ, ପ୍ରସାଦ ବଂଟନ ଓ ବ୍ୟବସ୍ଥିତ ଦର୍ଶନ ପାଇଁ ସେବାଣିବିର ବ୍ୟବସ୍ଥା କରାଯାଇଥିଲା । ସେବାଦାନରେ ଗ୍ରାମର ଯୁବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଓ ସେବକମାନଙ୍କ ଦ୍ୱାରା ଯଥେଷ୍ଟ ବ୍ୟବସ୍ଥା କରାଯାଇଥିଲା । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନବ ନିର୍ମିତ ବାବା ରାମେଶ୍ୱର ମହାଦେବ ମନ୍ଦିର ଏବେ ଅଂଚଳର ଏକ ପ୍ରମୁଖ ଧାର୍ମିକ କେନ୍ଦ୍ର ଭାବେ ଉଭୁଣି ଆସୁଛି ଓ ଆଗାମୀ ଦିନରେ ଏହି ଜାଗର ମେଳା ବୃହତ୍ ଆକାର ନେବ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଭବ୍ୟ ଧାର୍ମିକ ଆୟୋଜନ ମୁକୁନା ଗ୍ରାମର ସାମୁଦାୟିକ ଏକତା ଓ ଆଧ୍ୟାତ୍ମିକ ଭାବନାକୁ ଆହୁରି ଦୃଢ଼ କରିଥିବା ବେଳେ ଅଂଚଳରେ ଏକ ପବିତ୍ର ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି ।

ଜରପଡାରେ ପଲଟିଲା ଗ୍ୟାସ ଗାଡ଼ି ଜାତୀୟ ରାଜପଥ ବନ୍ଦ

ଅନୁଗୁଳ,୧୮/୨(ନି/ପ୍ର): ଅନୁଗୁଳ ଜିଲ୍ଲା ଜରପଡା କଲେଜ ନିକଟରେ ଏକ ଗ୍ୟାସ ବୋଝେଇ ଗାଡ଼ି ଓଲଟିପଡ଼ିଛି । ଏଥିରେ କେହି ମୃତାହତ ହୋଇନଥିବା ଜରପଡା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି । ସୂଚନା ମୁତାବକ, ସମ୍ବଲପୁର ପଟୁ ଏକ ଗ୍ୟାସ ବୋଝେଇ ଗାଡ଼ି ଅନୁଗୁଳ ଅଭିମୁଖେ ଆସୁଥିଲା । ଗାଡିଟି ଭାରସାମ୍ୟ ହରାଇ କଲେଜ ନିକଟରେ ଓଲଟି ପଡ଼ିଥିବା ଜଣାପଡିଛି । ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ସେପଟେ ଗାଡ଼ିଟୁ ଗ୍ୟାସ ଲିଙ୍କେଜ ହେଉଥିବାରୁ ସେପାରେ ବିପଦ ଦେଖା ଯାଇଛି । ପୁଲିସ ଘଟଣାସ୍ଥଳରେ ପହଂଚିଛି । ବିପଦ ଆଶଙ୍କା କରି ୧ କିଲୋମିଟର ଦୂରରୁ ପୁଲିସ ସବୁ ଗାଡିକୁ ଅଟକାଉଥିବା ଜଣାପଡିଛି। ପୁଲିସ ଅଗ୍ନିଶମ ବାହିନୀକୁ ଖବର ଦେଇଥିବା ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ବନ କର୍ମଚାରୀଙ୍କ ସାମ୍ନାରେ ଦନ୍ତା ଆକ୍ରମଣରେ ୨ ଗୁରୁତର

ଭୁବନ,୧୮/୨: ଢେଙ୍କାନାଳଜିଲ୍ଲା ଭୁବନ ବନାଂଚଳ ଅଧିକରେ ଥିବା ବିଭିନ୍ନ ଗ୍ରାମରେ ଗୋଠଛଡା ଦନ୍ତାର ଉପଦ୍ରବ ଦେଖିବାକୁ ମିଳିଛି । ହାତୀଟି ଗଡନୃସିଂହପ୍ରସାଦ ଗ୍ରାମ ନିକଟରେ ଥିବାବେଳେ ବନବିଭାଗ ଲୋକମାନଙ୍କୁ ହାତୀ ନିକଟକୁ ନଯିବାକୁ ବାରଣ କରାଯାଇଥିଲା । କିନ୍ତୁ ଗଡନୃସିଂହପ୍ରସାଦ ଗ୍ରାମର ଜାଳିଆ ବେହେରା ବନବିଭାଗ କର୍ମଚାରୀଙ୍କ କଥାକୁ ଅମାନ୍ୟ କରି ଦେଖିବା ପାଇଁ ହାତୀ ନିକଟକୁ ଚାଲିଯାଇଥିଲା । ହଠାତ ହାତୀଟି ଆକ୍ରମଣ କରିଥିଲା । ଜାଳିଆ ବେହେରାକୁ ଶୁଣ୍ଡରେ ଚେଳି ଫେଚରେ ଗୋଡ ପଛେଇ ଚାପି ଦେଇଥିଲା । ବନବିଭାଗ କର୍ମଚାରୀଙ୍କ ଉପସ୍ଥିତ ବୁଝି ଯୋଗୁଁ ହାତୀ ଗୁରୁତର ଜାଳିଆକୁ ଛାଡି ପଳାଇଥିଲା । ଗୁରୁତରଙ୍କୁ ଭୁବନ ମେଡିକାଲରେ ଭର୍ତ୍ତିକରାଯାଇଥିଲା । ଗୁରୁତର ଜାଳିଆ ବେହେରାଙ୍କ ଅଙ୍ଗୁଳିରୁ ବାହାରିଯାଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କ କଟକ ସ୍ଥାନାନ୍ତର କରାଯାଇଛି । ଏହା ପୂର୍ବରୁ ଢେଙ୍କାବାହାଳୀ ଗ୍ରାମର ଧନେଶ୍ୱର ଜାଣ୍ଡି ଶୌଚ ହେବାକୁ ଯାଉଥିବା ସମୟରେ ଦନ୍ତା ହାଲୁଡରେ ପଡିଯାଇଥିଲେ । ଦନ୍ତାଟି ଧନେଶ୍ୱରଙ୍କୁ ଶୁଣ୍ଡରେ ଟାଣି ଆଣିବା ସମୟରେ ବିଲ ହୁଡା ଯୋଗୁଁ ଜୀବନ ବଚିଂଯାଇଥିଲା । ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଂଚି ଗୁରୁତର ଧନେଶ୍ୱରଙ୍କୁ ଭୁବନ ମେଡିକାଲକୁ ପଠାଇ ହାତୀଟିକୁ ଘଉଡାଇଥିଲେ ।

ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ଚମ୍ପୁଆ,୧୮/୨(ନି/ପ୍ର): ଭିନ୍ନଦର୍ଶୀ ଓ ଭୂମିକା ଚକ୍ଷୁ ଚାକ୍ଷରଖାନାଙ୍କ ମିଳିତ ଆନୁକୂଲ୍ୟରେ ବିଲେଇପଦା ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଯାଇଛି । ଦେଓଗଡ, ବିରିଜଳା, କଣ୍ଡରା, ଅଂସେଲଜଳା, ଚମକପୁର ଗ୍ରାମ ଫଂଚାୟତରୁ ଆସିଥିବା ମୋଟ୍ ୩୩ ଜଣ ଚକ୍ଷୁ ରୋଗୀଙ୍କ ଅତ୍ୟାଧୁନିକ ପଦ୍ଧତିରେ ଚକ୍ଷୁ ପରୀକ୍ଷା କରା ଯାଇଥିଲା, ସେଥି ମଧ୍ୟରୁ ୪ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ କେନ୍ଦୁଝରକୁ ପଠାଯାଇଛି । ସଂସ୍ଥା ଚରମପୁର ସମସ୍ତ ରୋଗୀଙ୍କ ପାଇଁ ମାଗଣାରେ ଚିକିତ୍ସା, ଯିବା ଆସିବା, ରହିବା, ଔଷଧ ଓ ବଷମା ଦିଆଯିବାର ବ୍ୟବସ୍ଥା କରା ଯାଇଛି । ଭିନ୍ନଦର୍ଶୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚରମପୁର ପରବର୍ତ୍ତୀ ସମୟରେ ଏହି ଭଳି ଶିବିର ଆବଶ୍ୟକୀୟ ଅଂଚଳ ମାନଙ୍କରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାର ଜଣା ପଡିଛି। ଏହି ଶିବିର ସଂଗଠନର ସ୍ୱେଚ୍ଛାସେବୀ ଏବଂ ଭିନ୍ନଦର୍ଶୀ ସ୍ୱେଚ୍ଛାସେବୀ ସଂଗଠନ ନିର୍ଦ୍ଦେଶକ ତ୍ରିଲୋଚନ ପଲେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

ଚମ୍ପୁଆ,୧୮/୨(ନି/ପ୍ର): ଚମ୍ପୁଆ ବୁଲ ସଭାକକ୍ଷଠାରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧୀକ୍ଷକ ନିତୀନ ଲୁଣିଲକର ଦାଗଦୁଇଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ବିନୋଦ ବିହାରୀ ମିଶ୍ର, ସଂନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକାରୀ ରଣ୍ଜିତଞ୍ଜନ ସାହୁ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ସ୍ଥାନୀୟ ତହସିଲଦାର ରାଜେଶ ପଣ୍ଡା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବୁଢୁ ହାଁସବା ତଥା ଜିଲା ସ୍ତରୀୟ, ଉପଖଣ୍ଡ ସ୍ତରୀୟ ଓ ବୁଲ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ ୧୦୪ ଗୋଟି ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ରବିବୁଡେ ଜଳସେଚନ ସୁବିଧା, ଗଭୀର ଜଳକୂପ, ରାସ୍ତାଘାଟ, ଭତା, ଖାଉଟି କାର୍ଡ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ପଦାଧିକାରୀଙ୍କୁ ଜିଲାପାଳ ଚାର ଫରସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଟ୍ରୋମାକେୟାର ଖୋଲିବା ନିମନ୍ତେ ଜମି ଅଧିଗ୍ରହଣ ସମସ୍ୟା ସମ୍ପର୍କରେ ସମାଜସେବୀ ତଥା ବିଜେପି କାର୍ଯ୍ୟକର୍ତ୍ତା ପ୍ରଦୀପ ରାଜ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ଶ୍ରୀ ସିଂ ଏକ ମାସ ମଧ୍ୟରେ ଜାଗା ଚିହ୍ନଟ କରି ଚାର ସମାଧାନ କରିବାକୁ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ପ୍ରତିପର୍ଦ୍ଦୀଙ୍କୁ ପରାମର୍ଶ ଦେଇଥିଲେ । ଏତଦ ବ୍ୟତୀତ ଗତ ୪ମାସ ଧରି ବିଭିନ୍ନ ଗ୍ରାମଫଂଚାୟତର ହିତାଧିକାରୀଙ୍କୁ କେଓ୍ୱାଶୀ ଜନିତ ସମସ୍ୟା କାରଣରୁ ଭତା ପ୍ରଦାନ କରାଯାଇ ନଥିବାରୁ ଦୂରକୁ ଏହାର ଫରସଲା କରିବା ନିମନ୍ତେ କରଣ୍ଡିଆ ସବଫଂଚ ସୁପ୍ରିୟା ପୁଣ୍ଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମସ୍ୟା ପ୍ରାୟ ସମସ୍ତ ଗ୍ରାମ ପଂଚାୟତରେ ହୋଇଥିବା କଥା ବିଜିନ୍ନ ସବଫଂଚ ବୋହରାଇ ଥିଲେ ।

ଚାନ୍ଦବାଲି ବିଜେପିର ମିଶ୍ରଣ ପର୍ବ

ଭଦ୍ରକ,୧୮/୨(ନି/ପ୍ର):ଚାନ୍ଦବାଲି ବ୍ଲକ ବିଜେପି ପକ୍ଷରୁ ଖେରଙ୍ଗ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଏକ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆରଡ଼ି ମଣ୍ଡଳ ସଭାପତି ସମ୍ପୀତ କୁମାର ନାୟକ ସଭାପତିତ୍ୱ ଉଭ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସଂଷ୍ଠାନିତ ଅତିଥି ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ଖେରଙ୍ଗ ସଂଚାୟତ ଭାରତୀୟ ଜନତା ପାର୍ଟି ର ନେତା ପ୍ରଶାନ୍ତ ମାଝୀ ଓ ଲାଲଜିତ ନାୟକଙ୍କ ନେତୃତ୍ୱରେ ଖେରଙ୍ଗ ସଂଚାୟତର ଅଜସ୍ର ମାଝୀଙ୍କ ସହିତ ଶତାଧିକ ପରିବାର ଅନ୍ୟ ରାଜନୈତିକ ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟି ରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ନୂଆ କରି ଦଳରେ ସାମିଲ ହୋଇଥିବା ନେତା ଓ କର୍ମୀ ମାନଙ୍କୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପୁଷ୍ପଗୁଚ୍ଛ ଓ ବଜାୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଭଦ୍ରକ ବିଧାୟକ କହିଥିଲେ ମନମୋହନ ସାମଲଙ୍କ ନିର୍ବାଚନୀ ମଣ୍ଡଳୀ ଚାନ୍ଦବାଲି ସେ ବଳକୁ ଓଡିଶା ସାରା ଜିତେଇବା ସହିତ ସରକାରକୁ ଆଣିଛନ୍ତି । ଚାନ୍ଦବାଲିର ଦ୍ରୁତ ବିକାଶ ଦିଗରେ ସେ ସଦା ସର୍ବଦା ଦୃଷ୍ଟି ଦେଉଛନ୍ତି । ଆଜି ଏହି ବିଶାଳ ମିଶ୍ରଣ ପର୍ବ ଆଗାମୀ ଦିନରେ ଖେରଙ୍ଗ ସମେତ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ରେ ବିଜେପି ସବୁ ସଂଗଠନ, ଫଂଚାୟତ ସମିତି ସମେତ ଏନଏସି ଦାଖଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଅନ୍ୟ ପଟେ ନୂଆ କରି ବିଜେପିରେ ଯୋଗ ଦେଇଥିବା ଅଜସ୍ର ମାଝୀ ବିଜେଡି ନୂଆ ଜିଲା ସଭାପତି ବ୍ୟାମକେଶ ରାୟ ହେବା ପରେ ସେ ଅସବୁଷ୍ଟ ହୋଇ ଦୀର୍ଘ ୨୫ ବର୍ଷ ଧରି ବିଜେଡି ରେ ରହିବା ପରେ ଦଳ ଛାଡିଥିବା ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନିର୍ବାଚନୀ ମଣ୍ଡଳୀ ସଂଯୋଜକ ଜିଶୋର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉତ,ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉତ, ସାଧାରଣ ସମ୍ପାଦକ ଜମଲାକାନ୍ତ ସୂଡାର, ସ୍ୱବେଶ ପଣ୍ଡା, ସରପଂଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ,ସମିତି ସଭ୍ୟପ୍ରିୟରଞ୍ଜନ ଜେନା, ଅଭୟ ବଳ, ଜଗନ୍ନାଥ ରାଉତ,ବରିଷ୍ଠ ନେତା ଜାଁଚୁରଣ ବେହେରା, ମାଳତୀ ଲତା ସାହୁ,ସନାତନ ସାହୁ,ବାଉଧର ସୂଡାର, ନିଶିକାନ୍ତ ମାଝୀ ପ୍ରମୁଖ ଯୋଗଦେଇ ନୂତନ କର୍ମୀ ମାନଙ୍କୁ ସ୍ୱାଗତ କରିଥିଲେ ।

ଚମ୍ପୁଆର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଚମ୍ପୁଆ,୧୮/୨(ନି/ପ୍ର):ମହା ଶିବରାତ୍ରୀ ଅବସରରେ ଚମ୍ପୁଆ ଅଂଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବଡ଼ିଭୋରରୁ ଶ୍ରଦ୍ଧାଳୁମାନେ ବିଭିନ୍ନ ଶୈବପୀଠରେ ବେଦବେଦ ମହାଦେବଙ୍କୁ ଜଳଲାଗୀ କଲାପରେ ପୂଜା ଅର୍ଚ୍ଚନା କରିଥିଲେ । ମୋଟାମୋଟି ଆଜି ପ୍ରତ୍ୟେକ୍ଷରୁ ଶିବାଳୟମାନଙ୍କରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ତଥା ଚନ୍ଦ୍ରଶେଖର ମହାଦେବ ମନ୍ଦିରର ପରିଚାଳନା କମିଟି ପକ୍ଷରୁ ଶିବଜାଗର ଯାତ୍ରାକୁ ତଦାରଖ କରୁଥିବା ଦେଖିବାକୁ ମିଳିଛି । ଚମ୍ପୁଆ ଜାଗର ଯାତ୍ରାରେ ଭିଡ଼କୁ ନିୟନ୍ତ୍ରଣ କରିବା ଓ ଜାଗର ଯାତ୍ରା ସୁଗମ କରିବା ପାଇଁ ସ୍ଥାନୀୟ ପ୍ରଶାସନ, ପୁଲିସ ବାହିନୀ, ମହତାବ ଉଚ୍ଚ ବିଦ୍ୟାଳୟ ଓ ଶିଶୁ ମନ୍ଦିରର ଜାତୀୟ ସମସ୍ତ ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି ଛାତ୍ରୀଦେଟ) ମୁତୟନ କରାଯାଇଥିଲା । ସେହିପରି ସ୍ଥାନୀୟ କମିଟି ଦ୍ୱାରା ବିଶ୍ୱରୂପୀୟ ମହାଦେବ ଗୋଧୂଳି, ରାମତୀର୍ଥ, ପାଂଚପୋଖରୀଆ ଶିବମନ୍ଦିର, ମହେଶ୍ୱରପୁର ଶିବମନ୍ଦିର, କୋଦରାଡ଼ି ଥା, ମିରିସିସିଙ୍ଗା, ଜାଲାମନ୍ଦିର, ଜାଳିଆପ୍ରସାଦ, ହୁଞ୍ଚପଣ୍ଡି, ରିମୁଳି, ପର୍ଣ୍ଣଳା, ରଜିଆ, ସରେଇ, ବଡନଇଁ, ଜରଣ୍ଡିଆ, ମଞ୍ଚଆଣ୍ଡୁଳା, ଝୁଲିଁପୁର, ବାଲିପଣ୍ଡି, ପହୁଆ, ଶିରିକୁଆଁ, ଟାଙ୍ଗବଡନ୍ତା, ଜ୍ୟୋତିପୁର, ଫୁଲଜଅଁଳେଇ, ଷଡ଼ଙ୍ଗୀ, ଭଣ୍ଡା, କେଶରୀକୁଣ୍ଡ, ରୂପାକୁଣ୍ଡ, ନନ୍ଦପୁର ଆଦି ବିଭିନ୍ନ ଶୈବପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହିତ ପୂଜା ଅର୍ଚ୍ଚନା କରି ଜାଗର କାଳିବା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ଶିକ୍ଷାର୍ଥୀ ବାହିନୀ ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ରାତି ୯ ଘଟିକା ସମୟରେ ମହାବୀର ପୂର୍ବ ବର୍ଦ୍ଧମାନଙ୍କ ଭଳି ଯଥାରୀତି ଉଠିଥିବା ଜଣାପଡ଼ିଛି ।



ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ

ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର ରାଷ୍ଟ୍ରପିତା ଉନ୍ମୋଚିତ

କେନ୍ଦୁଝର,୧୮/୨(ନି/ପ୍ର): ପବିତ୍ର ମହାଶିବରାତ୍ରି ଅବସରରେ ଓଡିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର 'ରାଷ୍ଟ୍ରପିତା' ବିଷୟ ଫଂଚାୟତର ଭାଲୁସର ଶିବ ମନ୍ଦିର ଓ ମଇବାନକେଲର ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣଙ୍କ ନିମନ୍ତେ ଉନ୍ମୋଚିତ ହୋଇଯାଇଛି । କେନ୍ଦୁଝର ଡେଭେଲପ୍‌ମେଂଟ ଫୁଣ୍

ବିବିଧା

ଖଳନାୟକ ଭୂମିକାରେ 'ଶୁଭମ୍'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବହ୍ନିଶିଖା' ଜାତୀୟସ୍ତରର ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ହେବେ ମୁଖ୍ୟ ଆକର୍ଷଣ ଭାବେ ଫିଲ୍ମରେ ଖଳନାୟକ ଚରିତ୍ରରେ କଳାକାର ଅଭିନେତା ଶୁଭମ୍ ପାତ୍ରୋ ଏଣ୍ଡି କରିଛନ୍ତି ।

ଶୁଭମ ପୂର୍ବରୁ ଫିଲ୍ମ 'ଜେମିନି' କହିବି ମୁଁ ଓ 'ଶ୍ରୀମାନ ଶ୍ରୀମୁଣ୍ଡ'ରେ ଅଭିନୟ କରିସାରିଛନ୍ତି । ହେବେ ଖଳିଲାରରେ ଖଳନାୟକର ଅଭିନୟ ପ୍ରଥମ ହେଉଛି ଆଲ ଜଣେ କୁଆ ଖଳନାୟକ ଶୁଭମଙ୍କର ଏଣ୍ଡି କିଏଟି 'ଏହି ଅଭାବଙ୍କ ପ୍ରତିଭା କରିଛି । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲାଇଶ୍ରୀର ପ୍ରଯୋଜନ ଦ୍ୟାନରରେ ପ୍ରସ୍ତୁତ ହେଉ ଥିବା ସୋଲର ପତ୍ରାଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାକ ସହିତ ମାଧ୍ୟମ ମଧ୍ୟ ନଜର ଆସୁଛନ୍ତି । 'ବହ୍ନିଶିଖା'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ଗ୍ରହଣକରିଛନ୍ତି ନିର୍ଦ୍ଦେଶକ ପିଲୁ ମାଧବ । କାହାଣୀ ରଚନା କରିଛନ୍ତି ବିଶ୍ୱ ପାତ୍ରୋ ଏବଂ ସଂଳାପ ରଚନା କରିଛନ୍ତି ବିନ୍ଦେସ୍ ବୁମାର ରଚାଳ । ଗୀତ ଓ ସଂଗୀତ ମାଧ୍ୟମ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମହାପାତ୍ର । ବିଭିନ୍ନଭୂମିକା ପରିବେଷଣରେ ସୁଦର୍ଶନ ଦେଶମୁଖି ଅଛନ୍ତି । ଦୟିତ୍ରୀ ମହାପାତ୍ର, ଦୌଳ୍ପୁରା ଜୟପ୍ରକାଶ ପାତ୍ର, ପ୍ରଦ୍ୟୁମ୍ନ ଜେନା, ଅଭିଜିତ ଅଧୁଆଳ, ପୁଷ୍ପଲତା, ଦେବୀପ୍ରସାଦ ଶତପଥୀ, ଶୁଭମ ପାତ୍ରୋ, ସୁମନ ମହାନ୍ତି, ଭୁବନ୍ତ ତ୍ରିପାଠୀ, ପ୍ରକାଶ ସାହୁ, ଭୁଷଣ, ମନୋଜ୍ଞ, ନିରଞ୍ଜନ ନିହୁଆ ପ୍ରମୁଖ ଅଭିନୟ କରିଛନ୍ତି । ସଙ୍ଗୀତ ମିଶ୍ର ଏବଂ ଲିଷ୍ଟାରାଣୀ ପାଣି ପ୍ରମୁଖ ଏଡିଟର ଅଭିନୟ କରୁଛନ୍ତି । ଛବିର ଓ ରେଣୁ ମାଧ୍ୟମ ଏବଂ ସାଉଣ୍ଡ ଇଞ୍ଜିନିୟର ଭାବେ ଅଭିନୟ କରୁଛନ୍ତି ।

ଏହି ଫିଲ୍ମରେ ଗୀତ ସଂଗୀତ ଦେଇଛି ମାଟିର ହାଣ୍ଡା ଅନୁଭବ କରି ହେବ । ■

'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ପରଦା ପଛର କାହାଣୀ

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ଚାଲିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେମାନଙ୍କ ଭିତରେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରରିକେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକଙ୍କ ଲୋକପ୍ରିୟ କଳାକାରମାନେ ଦମଦାର ଅଭିନୟ କରିଥିଲେ । ନିଜସ୍ତରେ କଷ୍ଟ୍ୟୁମ୍ ଡିଜାଇନର ମାଧ୍ୟମ ଅଗସ୍ତା ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ଯୋଜନାର କଥା ପ୍ରକାଶ କରିଛନ୍ତି ।

ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାଇଲମ୍: ଫର୍ଟି ଆଇକନ୍ସ, ଅନ୍ ଆଣ୍ଡ ଅଫ୍ ସ୍ପିରିଟ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ବୋଲାକାକୁ ଆସିଥିଲେ । ଆଲ ତାଙ୍କୁ କହିଥିଲେ " ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଭୟର ଦିଦେଖା ଏବଂ ଇନ୍ଦ୍ରଜାଲ ଶକ୍ତିର ଓ ଦେଖା ଜମିବାଦାର ଶକ୍ତି ଥିବ ।" ଏହାପରେ ମାଧ୍ୟମ ଦିଦେଖା ଖଳନାୟକ, ମନ୍ତ୍ରିକା ଏବଂ ଫିଲ୍ମ ଲମ୍ବିକାଙ୍କର ମୁଖ୍ୟ ଭୂମିକା ରଖିଥିଲେ । ଅନେକ ସେପରି କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ କାଟିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ କହେଥିଲେ ଯେ ଏହି ପୋଷାକ ପ୍ରସ୍ତୁତ କରିବାକୁ ମାଧ୍ୟମ ମାତ୍ରିଶ୍ରମିକ ଦାବଦକୁ ୦୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୁକର୍ମଶୀଳତା ଦେଖି ଖୁସି ହୋଇ ମାଧ୍ୟକୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■

ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବିଶ୍ୱର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍ମୀଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ପୁଣିଥରେ 'ଅଜାଜ ସ୍ଟ୍ର, 'ଚେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେବୁ ଏହେ ଏହି ଯୋଡ଼ିଙ୍କୁ ପୁଣିଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ଜଣେ ଜଣେ ଫିଲ୍ମମିଳିଲ ଜିଲ୍ଲାଶଙ୍କ ଏହାକରିଛି ଲୋକ୍ ଭାଇଲ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରର ନଜର ଆସିବେ । ତେବେ ଏହା ଜବଲ ଲୋକ୍ ଭାଇଲ ଆଧାରିତ କୌତୁକି କମେଡ଼ି ସିନେମା ହୁଦେ, ବଙ୍ଗ ଏହା ଏକ ନୂଆ ପରିବାରିକ ହାସ୍ୟ ଭାଇଲ ପ୍ରଯୋଜିତ । ଅନ୍ୟପକ୍ଷେ ପୂର୍ବରୁ ଭୂଷଣ କୁମାରଙ୍କର ଅଗାମୀ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଦମଦାର ଲୋକ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଯୋଜକ କାର୍ତ୍ତିକ ଆର୍ଯ୍ୟନ, ରାଜକୁମାର କପୁର, ଶ୍ରେୟସୀ ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି । ଭୋଜ ଏହେ ସିନେମା ଜାରି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବଂ ଏହା ଫ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପକ୍ଷେ ଫିଲ୍ମ ନିର୍ମାତା ସାଜିଦ ନଡ଼ିଏ ଅନ୍ୟ ଦଶ ପ୍ରୋଜେକ୍ଟ ଚଳିଛନ୍ତି । ■

'ଜେମ୍ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ଜିଲ୍ଲାର ଦାଖାରୀ ଗାଁରେ 'ଜେମ୍ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଫୁଲ ଟିକେଟ ଜାର୍ଜିଲ୍ଲାର ଉଦ୍ଘାଟନ କରାଯାଇଛି । ଏହି ଇଭେଣ୍ଟରେ ଛତ୍ରପୁର ସୁନ୍ଦରୀ ଉଷାବତ, ଶ୍ରୀମାଳୀ ସୂର୍ଯ୍ୟ ବଗୀଶୀ ଶାନ୍ତୀ, ଛତ୍ରପୁର ଛୁଟକୋଣ୍ଡା ବେବେଙ୍କାର, ପ୍ରତିଷ୍ଠାନ୍ତ ଶ୍ରୀମତ ଅର୍ଜନ ମଣ୍ଡଳ, ଆସୟଙ୍କର ଜମ୍ପାଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ନବିନର ଦାସ, ଅଭିନେତା ସୂର୍ଯ୍ୟମାୟା ମହାପାତ୍ର ଏବଂ ମୁଣ୍ଡ ଅମ୍ବାସତ୍ତର ଭାବେ ଅଭିନେତା ସାହୁ, ଉପସ୍ଥାପନରେ ଶ୍ରୁତୋଜିତ ପଣ୍ଡା, ଉପସ୍ଥାପକ ଭାବେ ଟିଲି ଏବଂ ମିଡ଼ିଆ ପ୍ରାଇମର ଦି-ଟିମ୍ ଏହେ ପ୍ରଥମ ଥରେଟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରୁ ୨ଟି ଗାଣ୍ଡରେ ବିଜୟୀ କରାଯାଇଛି । ଗାଣ୍ଡୀ ଏବଂ ବିଦ୍ୟାଙ୍କ ମାନଙ୍କ ପାଇଁ ଶ୍ରୀଶକ୍ତି । ଗାଣ୍ଡୀ ଦର୍ଶକେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଛତ୍ରପୁରେ ଭୁବନେଶ୍ୱରର ବାଲୁର ଗୋଲାଲିଆ ମିଶ୍ର ପ୍ରଥମ ମାଇନର୍ ଥିଲେ ଏବଂ ପରିବାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ମେଡିମିଲି ଶ୍ରୀଶକ୍ତି ବର୍ଗରେ ଛାନ୍ଦିଶକ୍ତିର ମଣିମା ସାହାନ୍ତ ଏବଂ ମେଘା ସିନ୍ଧଲ ହୋଇଥିବା ବେଳେ ମାଇନର ଲିଷ୍ଟ ଏବଂ ଝିଲିକା ପ୍ରଥମ ରନର ଅପ୍ ଏବଂ ବୁଢ଼ାପୁରର ଜଣେ ଲିମକ୍ଷା ଝିଅ ରାଶନା ନାହାର ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ମାରାଥ ଛାତ୍ରା ଆଗ ହେଲେ କୌଣସି କାରଣରୁ ସେ ଖେଳ ସ୍ୱାଧୀନ ବିଚାରାଳୀକୁ ଆଜକୁ ଆଣିବାରେ ସକ୍ଷମ ହୋଇନଥା ଏ । ତାହାକୁ ଗୋଟ ଲୋକଙ୍କୁ ଆଣିବା ପାଇଁ ଏବଂ ସେମାନଙ୍କ ଜୁଷ୍ଟିସିଟି ପ୍ରତିକାରକୁ ଆଗକୁ ନଦ୍ରାଳବା ପାଇଁ ଜୁଡ଼ିସେମେନ୍ସର ନେତୃତ୍ୱ ଅପ୍ ଓଡ଼ିଶା ଆଗର ବଢିଥିବା ଏହି ପ୍ରୟାସ । ରାଜ୍ୟ ଜିଲର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ଦେଶୀ ଆଲୁଲ ବିଭିନ୍ନ ବର୍ଗର ମଡିଲ, ଯୁବତୀ, ଏପରିକି ଦିବ୍ୟାଙ୍ଗ ମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷଣ ଦ୍ୱାରା ଏଯାବ, ଦିଲ୍ଲୀ ଏବଂ ଅନ୍ୟାନ୍ୟ ଇଭେଣ୍ଟରେ ଚାଉଁଲ ଦିଆଯାଇଛନ୍ତି । ଦେବେ ଛତ୍ରପୁରାମାନଙ୍କ ଦ୍ୱାରା ମାନେକୀଙ୍କ ଭୂମିକାରେ ପ୍ରତିଯୋଗୀମାନେ ପାଇଲାଲ୍ ଗାଉଣ୍ଡରେ ଭାଗ ନେଇଥିଲେ । ■

'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଭୁ ଦେବା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ବାର୍ତ୍ତା ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଶାମା ବୈଦ୍ୟ ବୃଦ୍ଧ ଏକ୍ଷାକାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଭୂମିକା ପରଦା ନଦିଛି । ପ୍ରଶାନ୍ତ ପ୍ରଥମ ମହିଳା ଚରିତ୍ରରେ ଭୂମି ସେଟିଙ୍କୁ ଚରିତ୍ରିତ କରାଯାଇଛନ୍ତି । ଭୂମି ୨୦୨୧ ମସିହାରେ କାନ୍ଦହ ସିନେମା 'ଲକ୍ଷଚ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ଏପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମଦାର ଭଦ୍ରା ମହାକାଳୀର ଲୁକ୍ ସାମାଜ୍ ଆସିଛି । ପ୍ରଭାକ୍ ଲୋକେ ପ୍ରସନ୍ନ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏହେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର କାହିନୀ ଏକ୍ଷାକାର ସ୍ପଷ୍ଟ ହେଉଛି ଯେ ଏହା ଦେବୀ ଭାଇଙ୍କ ଜୀବନୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■

ଓଡ଼ିଆ ଚଳଚ୍ଚିତ୍ର

"ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

ତୃପ୍ତି ମିଶ୍ରାମ୍ବିକା, ଅଭିନେତ୍ରୀ

ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିଥିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିଲେ ଜଟଙ୍କର ତୃପ୍ତି ମିଶ୍ରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବହୁ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଜାଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିବା ଜାଣିବା ତାଙ୍କ ମୁହିଁରୁ ।

ଆପଣଙ୍କ ଜଣେ ଓଡ଼ିଆ ଚଳଚ୍ଚିତ୍ର ନାୟିକା ହେବାର କାରଣ?

● ପିଲାଟି ଦିନରୁ ଓଡ଼ିଶା ନୃତ୍ୟ କରୁଥିଲି । ଅଞ୍ଚଳ ମୁଁ ନୃତ୍ୟ ପରିବେଷଣ କରିଛି । ମଧ୍ୟରେ ସମ୍ବାଳ ମିଳିଛି ମୋତେ । ସୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେବୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମାନାବେଳ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅର୍ଥବଳ ହେଲେ ପ୍ରଥମ ବେଳିକ ପ୍ରଥମ 'ପ୍ରାଣି ବର୍ଷନ' କରିଥିଲା । ମୋ ବିପରୀତରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?

● ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ତେବେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ଥିଲା । ତେବେ ଦୁଇଟି ସିନେମାରେ ମୁଁ ମୁଖ୍ୟ ନାୟିକା ।

ପରୀକ୍ଷା ସହ ଅଭିନୟ କରିବାରେ ଦେଖବ ସମସ୍ୟା ହୋଇନି?

● ବର୍ତ୍ତମାନ ଏମିତି ଏ ପଢୁଛି । ନିଜ କାମ ଜିନିଷ ସମୟ କାଢ଼ି ପାଠ ପଢ଼େ । ଛୁଟି କାଳରେ ଶୁଟିଂ କରେ । ଅନ୍‌ଲାଇନ୍‌ରେ ବି ପାଠ । ପରୀକ୍ଷାରେ ଦେଖବ ଅନେକଙ୍କ କରିଛି ବି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ପ୍ରସ୍ତୁତ କରିବାକୁ ମୁଁ ଦର୍ପଣ ସାହାଯ୍ୟରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ କ୍ୟାରେକ୍ଟାର ଓଡ଼ିଆରେ ଦେଖିବା ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଆଡ଼ାପ୍‌ରେ ଥିବା ଯୋଗୁଁ ମୁଁ ଅଭ୍ୟାସ କରୁଛି ।

ଅଭିନୟକୁ କାହା ବେଶୀ ଭଲ ଲାଗେ?

● ଅଭିନୟ ନୃତ୍ୟକୁ ବାଧା ଦେଲେ, ସେଥିପାଇଁ ଭଲେ । ମୁଖ୍ୟ ଥରେ । ନୂଆ ନୂଆ ଜାଣକୁ ବୁଝିବାକୁ ଭଲ ଲାଗେ ।

ଆପଣଙ୍କ ଫ୍ରିଡ଼ମ୍ ଭୋଜ?

● ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଚାହୁଁ ରହିଛି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖୁଛି । ଭଲେ ଆହୁରି ସିନେମା କାମ କରିବାକୁ ମୋର କହୁତ ଇଚ୍ଛା ଅଛି । ଯାହା ବି ଭୋଲ୍ ମିଳିବ ସାହାଯ୍ୟ ଖୁସିଖୁସିରେ କରିବି ।

ଅଭିନୟ ଜଗତରେ ଚିତ୍ରି ଇଚ୍ଛା କୁହେଲେ ଜଟ ଜଣାଇବା ଦରକାର?

● ନିଜ ଭିତରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଜଟିଳ ଓ ଜଟିଳ ପରିଶ୍ରମ କରନ୍ତୁ । ■

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୧୯ ଫେବୃଆରୀ ୨୦୨୬

ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ ?

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି: ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା । ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ । କେତେଜଣ ବହି ଧରି ଶୁଅନ୍ତି । ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ୍ୟ କେବଳ ପାଠ ମନେ ପଡ଼ିବ । ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ । ପ୍ରତିଦିନ ୬ଟୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର । ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ । ଠିକ୍ ଭାବେ ନ ଶୋଇଲେ, ଭାବନା ମଧ୍ୟ ସଠିକ ହେବନାହିଁ । ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ । ମଧ୍ୟାହ୍ନ ୧ ରାତ୍ରିଭୋଜନ ଆଦି ଭାରି ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ କ୍ଷାହିଁ । ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ତିଳିଏ କମ୍ ରକ୍ତ ସଚାଳନ ହୁଏ । ତିଳିଏ ନିଦୁଆ ଲାଗେ । ପାଠ ଠିକ୍ ଭାବେ ମନେ ରହେ ନାହିଁ । ସୂଚୀ : ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର । କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ ? କଅଣ ମନେ ରହୁନାହିଁ ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ ? ଏହାଠାରୁ ପ୍ରାୟ ଦେଢ଼ଗୁଣା ଅଧିକ ସମୟ ହାତରେ ରଖ । ତାଲିକା : ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ । ବେଶୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ । ଗୁହିଣୀ ଓ ତାଲିକି କଲି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ । ତାହେଲେ ମନ ଅସ୍ଥିର ହେବନାହିଁ । ପାଠରେ ମନ ଲାଗିବ । ପରିବେଶ : ପାଠପଢ଼ା ପରିବେଶକୁ ଠିକ୍ ରଖ । ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ । ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ । ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ । ଏକାଥରକେ ଚାରି ଘଣ୍ଟା ଘଣ୍ଟା ବସି ପାଠ ପଢ଼ କ୍ଷାହିଁ । ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଂଚ ବା ମିନିଟର ବ୍ରେକ୍ ନିଅ । ଏହି ସମୟରେ ଅଗ୍ରା କିଛି କର । ନିତିଦିନିଆ ଅଭ୍ୟାସ ରଖ । ଖାଇବା ଓ ଶୋଇବା ହଠାତ୍ କମ କରନାହିଁ । ନିଜେ ନିଜକୁ ପୁରସ୍କାର ଦିଅ । ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି । ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ । କେଉଁ ପ୍ରକାର ପ୍ରଶ୍ନ ପଚୁଛି ଲକ୍ଷ୍ୟ କର । ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି ? ନିଜ ପାଖରେ କଅଣ ଅଛି ? କହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ । (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ ଜଳକା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ । ଧୀରେ ଧୀରେ ବାଢି ପାଠ ମଧ୍ୟ ମନେ ରହିବ । (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର । (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର । ଆଉଥରେ ବିଷୟଟିକୁ ପଢ଼ । ପରୀକ୍ଷା ସମୟରେ ମାନସିକ ସମସ୍ୟା : ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସି ପାଠ ଠିକ୍ ଭାବେ ମନେ ରହୁନାହିଁ । ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ ଲୁଆଡ଼େ ପଳାଏ, ସେଥୁ ପୁଣି ଆଉ ଲୁଆଡ଼େ । ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି । ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ । କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ । ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ସୋଇଲା ଓ ଖେଳିବା, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ୍ୟ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ । ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଏହା ହୋଇପାରେ । ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼ । ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼ । ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି । ଅତ୍ୟଧିକ ଜାନିଆ ହେବା : କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଜାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି । ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ । ପରୀକ୍ଷା ପୂର୍ବରୁ ଅଳ୍ପ ଜାନିଆ ହେଲେ ଭଲ । ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ । ମାତ୍ର ଅତ୍ୟଧିକ ଜାନିଆ ହେବାକୁ ନିଜେ ନିଜ ପାଇଁ ହିଁ ଖରାପ । କାରଣ : ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଜାନିଆ ପଣ୍ଡେ । ଯଥା - ପାଠ କିପରି ପଢ଼ିବି ? କିପରି ମନେ ରଖିବି ? ପ୍ରଶ୍ନ କଅଣ ପଚିବ ? ପରୀକ୍ଷା ଫଳ କଅଣ ହେବ ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ ? ଲକ୍ଷଣ : ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି । ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ୍ୟ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ । ଜାନିଆ ହେବା କିପରି କମ୍ କରିବ ? ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବରୁ ଠିକ ଭାବେ ଖାଇବ ଓ ଶୋଇବ । ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ । ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବ । ପରୀକ୍ଷାରେ ପଢ଼ିଲେ କଅଣ ଲେଖିବ ବୋଲି ଭାବିବ । ମନକୁ ବୁଦ୍ଧିଶା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ । ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ । ପ୍ରତିଦିନ ଯେପରି କର, ଆଜି ମଧ୍ୟ ସେହିପରି କରିବ । ଅତି ତରତର ହେଲେ ଛାତି ଧଡ଼୍ ଧଡ଼୍ ହେବ, ଝାଳ ବାହାରିବ । ପ୍ରଶ୍ନରେ ମନ ଜାନିଆ ନ ହେଲେ ମଧ୍ୟ ଛାତି ଧଡ଼୍ ଧଡ଼୍ ହେବା ଯୋଗୁଁ ଜାନିଆ ହେବା ଭଳି ଲାଗିବ । ନିଜର ଖାତା, ବହି ଓ ନୋଟ୍‌ସ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ । ନିହାତି ଦରକାର ନହେଲେ ଖୋଲିବ ନାହିଁ । ଯେଉଁ ପିଲାମାନେ ଅତ୍ୟଧିକ ଜାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ । ନିଜକୁ ନିଜେ କୁହ ଅଧିକ ଓ ସାହସ ଦିଅ । ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ । ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ । ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଢ଼ିପାରେ । ଏହାସାଧାରଣ କଥା ଓ ସମ୍ଭବପର । ସବୁଠିକ୍ ହେବ ।

ବିରଳ କଳାବାଘର ଗଡ଼ ଶିମିଳିପାଳ

ଶିମିଳିପାଳର ସେହି ବିରଳ ମେଲାନିଷ୍ଟିକ୍ ବାଘ (ଗରଜକରଭସମ୍ବସ୍ମସମ ଷସବଗରଜ୍ଞ) ବା କଳାବାଘଙ୍କ ଛବି ଯେତେବେଳେ ନ୍ୟାସନାଲ ଜିଓଗ୍ରାଫିକ୍ ପରି ଏକ ବିଶ୍ୱସ୍ତରୀୟ ପତ୍ରିକାର କଭର ପେଜ୍‌ରେ ସ୍ଥାନ ପାଇଲା, ତାହା କେବଳ ଓଡ଼ିଶା ଫଟୋଗ୍ରାଫର ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ବଡ଼ ସମ୍ମାନ ଥିଲା । ଏହା ସତରେ ଓଡ଼ିଶା ପାଇଁ ଏକ ଅବିସ୍ମରଣୀୟ ଏବଂ ଗର୍ବର ମୁହୂର୍ତ୍ତ ଥିଲା । ଶିମିଳିପାଳ ହେଉଛି ପୃଥିବୀର ଏକମାତ୍ର ସ୍ଥାନ ଯେଉଁଠାରେ ପ୍ରାକୃତିକ ଭାବେ ଏହି ଜେନେଟିକ୍ ପରିବର୍ତ୍ତନ ଥିବା ବାଘ ଦେଖାଯାଉଛି । ନ୍ୟାସନାଲ ଜିଓଗ୍ରାଫିକରେ ଏହା ପ୍ରକାଶ ପାଇବା ପରେ ସାରା ବିଶ୍ୱର ବନ୍ୟପ୍ରାଣୀପ୍ରେମୀ ଏବଂ ବୈଜ୍ଞାନିକଙ୍କ ଦୃଷ୍ଟି ଆମ ଓଡ଼ିଶା ଉପରକୁ ଆସିଲା । ଓଡ଼ିଶାର ଓ୍ୱାଇଲ୍ଡ ଲାଇଫ ଫଟୋଗ୍ରାଫରମାନେ ବହୁବର୍ଷ ଧରି ଧୈର୍ଯ୍ୟର ସହ ଜଙ୍ଗଲରେ ସମୟ ବିତାଇ ଏହି ଅତ୍ୟଣ୍ଟ ବାଘଙ୍କର ଝଲକ ପାଇବାକୁ ବାରମ୍ବାର ବିଫଳ ହୋଇଥାନ୍ତି । ଏପରି ଏକ ଅନର୍ଜାତୀୟ ମାନ୍ୟତା ସେମାନଙ୍କ ପାଇଁ ଏକ ଅଶାର ଆଲୋକ ପରି ଦୃଶ୍ୟମାନ ହେଲା । ଏହି ଖବର ପରେ ଶିମିଳିପାଳକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ବଢିଛି । ବାଘଙ୍କ ସଂରକ୍ଷଣ ପାଇଁ ସରକାରୀ ଏବଂ ଜନସାଧାରଣଙ୍କ ସ୍ତରରେ ସଚେତନତା ମଧ୍ୟ ବୃଦ୍ଧିପାଇଛି । ଏହି କଳାବାଘମାନେ ଶିମିଳିପାଳର ରତ୍ନ । କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ଉତ୍ସାହରେ ପର୍ଯ୍ୟଟକମାନେ ଏଠାକୁ ଆସୁଛନ୍ତି, ସେମାନେ କ'ଣ ପ୍ରକୃତରେ ସେହି ଅନୁଭୂତି ପାଉଛନ୍ତି, ନା ଏକ ଦୁର୍ବଳ ପରିଚାଳନାଗତ ବ୍ୟବସ୍ଥାର ଶିକାର ହେଉଛନ୍ତି ? ଏହି ଖବର ପରେ ପରେ ବେଙ୍ଗାଲୁରୁରେ ରହୁଥିବା ମୋର ଜଣେ ବିଶିଷ୍ଟ ଇଂଟରନାସନାଲ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ବନ୍ଧୁ, ଯିଏକି ଜଣେ ପ୍ରଥମ ଓଡ଼ିଆ, ଭାରତର ସର୍ବାଧିକ ଅଭ୍ୟାରଣ୍ୟ ଭ୍ରମଣ କରି ସ୍ନୋ ଲେପାର୍ଡ ସମେତ ସର୍ବାଧିକ ପ୍ରାଣୀ ପ୍ରଜାତିଙ୍କ ଫଟୋ ନିଜ କ୍ୟାମେରାରେ ଜବତ କରିପାରିଛନ୍ତି, ମୋତେ ବାରମ୍ବାର ଫୋନ୍ କରି ଆମ ଶିମିଳିପାଳର କଳାବାଘ ଦେଖିବା ପାଇଁ ଅତ୍ତବ୍ୟସ୍ତ କରିପକେଇଲେ । ମୁଁ ବି କାଳବିଳମ୍ବ ନକରି ଗତ ୧୦ ନଭେମ୍ବରରୁ ୧୩ ନଭେମ୍ବର ୨୦୨୫ ଯାଏଁ ଗୁରୁଗୁଡ଼ିଆ ଜଙ୍ଗଲ କଟେଜ କୁଳି ସହିତ ୫ଟି ବାଘ ସଫାରୀ ପାଇଁ ଛଟିକିଆ କିମ୍ବ ମଧ୍ୟ ବୁକ୍ କରିଦେଲି ମାସେ ପୂର୍ବରୁ । ସେ ଓ ଆଉ ଜଣେ ଡାକ୍ତର ବନ୍ଧୁଙ୍କ ଧରି ଭୁବନେଶ୍ୱରରୁ ୨୬୫କିମି. ଡ୍ରାଇଭ କରି ଗୁରୁଗୁଡ଼ିଆ ଚେତର କ୍ୟାମ୍ପରେ ପହଞ୍ଚି ତିନି ରାତି ରହିଲୁ ଏବଂ ୫ଟି ଯାକ ସଫାରୀ ଭୋର ପଂଚରୁ ଅଣ୍ଟାରେ ଥରି ଥରି ଜଙ୍ଗଲ ବୁଲିଲୁ, ଏହି ଆଶାରେ ଯେ ଅଧିକ ଥର ଚେଷ୍ଟା କଲେ ଅନ୍ତତଃ ପକ୍ଷେ ଥରୁଟିଏ ବାଘ ଜିୟା କାବାର କୌଣସି ଚିହ୍ନ ଦେଖିବାକୁ ମିଳିବ । ଆମର ନିଷ୍ଠା ସତ୍ତ୍ୱେ ପ୍ରତିବିନ ସକାଳ ୫ଟାରୁ ଉଠି ୨ଡିଗ୍ରୀ ସେଲସିୟସ୍‌ର ପ୍ରବଳ ଶୀତରେ ଜଙ୍ଗଲକୁ ଯିବା ପରେ ମଧ୍ୟ ଅଭିଜ୍ଞତା ଅତ୍ୟନ୍ତ ନିରାଶାଜନକ ଥିଲା । ୫ଟି ସଫାରୀ ମଧ୍ୟରେ ଆମେ କେବଳ ବାଘ ଦେଖିବାରେ ବିଫଳ ହେଲୁ ତାହା ନୁହେଁ, ବରଂ ବାଘର ଉପସ୍ଥିତିର ଗୋଟିଏ ହେଲେ ଚିହ୍ନକୁ ଯେପରିକି ପାଦଚିହ୍ନ (ଭ୍ରଙ୍କଶଷ୍ଟବକ୍ସଜଷ୍ମ), ମଳ (ଷ୍ପମବଷ୍ମ) କିମ୍ବା ଗଛରେ ରାମ୍ପୁଡ଼ା ଚିହ୍ନ ମଧ୍ୟ ଦେଖିବାକୁ ପାଇଲୁ ନାହିଁ । କେବଳ ଆମେ ନୁହେଁ, ଜାଣିବାକୁ ପାଇଲୁ ଯେ ଆମ ପୂର୍ବରୁ ମେଳ୍ଖିକୋଡ଼ୁ ଆସିଥିବା ଏକ ଦମ୍ପତି କେବଳ ଶିମିଳିପାଳର ବାଘ ଦେଖିବା ପାଇଁ ୧୮ଟି ସଫାରୀ ବୁକ୍ କଲିଥିଲେ, କିନ୍ତୁ ସେମାନେ ମଧ୍ୟ ଖାଲି ହାତରେ ବୁଲିବା ପରେ ବୃଥା ଫେରିଗଲେ । ଜାଣିବାକୁ ପାଇଲୁ ଯେ ନ୍ୟାସନାଲ ଜିଓଗ୍ରାଫିରେ ଯେଉଁ ବାଘ ଫଟୋ ଥିଲା ତାହା ସେ ଫଟୋଗ୍ରାଫର ଜଙ୍ଗଲ ବିଭାଗ ତତ୍ତ୍ୱାବଧାନରେ ରହି ମଧ୍ୟ ୧୨୦ ରହଣି ପରେ ହିଁ ପାଇଥିଲେ । ଏଭଳି ଘଟଣା ଅନର୍ଜାତୀୟ ବନ୍ୟପ୍ରାଣୀ ସମ୍ବନ୍ଧୀୟ ନିଜକୁ ଏକ ନଜାରାମୂଳ ବାର୍ତ୍ତା ପଠାଉଛି । ଭାରତର ଅନ୍ୟାନ୍ୟ ପ୍ରମୁଖ ବ୍ୟାଘ୍ର ଅଭୟାରଣ୍ୟ (ଯେପରିକି ଜାହ୍ନା, ବାନ୍ଧବଗଡ଼, ତାଡୋବା, ନାଗରହୋଲ୍, ବାନ୍ଦୀପୁର, ଜାବିଟି, ରଣ୍ଥାମ୍ବୋର, ସରିଷା, ବୁଧିଗ୍ର ଇତ୍ୟାଦି) ସହିତ ମୋର ପର୍ଯ୍ୟବେକ୍ଷଣ ଏବଂ ତୁଳନା ଅନୁଯାୟୀ, ମୂଳ ସମସ୍ୟାଟି ସଫାରୀ ପରିଚାଳନା ବ୍ୟବସ୍ଥା, ବିଶେଷ କରି ଗୁରୁ ପ୍ଲାନିଂରେ ରହିଛି । ଯଥା- ଅନ୍ୟ ରାଜ୍ୟମାନଙ୍କରେ ଅଭୟାରଣ୍ୟଗୁଡ଼ିକୁ ବିଭିନ୍ନ ଜୋନ୍ ଏବଂ ଏକାଧିକ ସ୍ୱତନ୍ତ୍ର ରୁଟ୍‌ରେ ବିଭକ୍ତ କରାଯାଇଥାଏ, ଯାହାଫଳରେ ପର୍ଯ୍ୟଟକଙ୍କ ଚାଡ଼ିଗୁଡ଼ିକ ବିଭିନ୍ନ ରୁଟ୍‌ରେ ବୁଲନ୍ତି । କିନ୍ତୁ ଶିମିଳିପାଳରେ ମାତ୍ର ଗୋଟିଏ ଜୋନ୍ର ଗୋଟିଏମାତ୍ର ରୁଟ୍ ସମସ୍ତ ୧୨ଟି ଅନୁମତିପ୍ରାପ୍ତ ଗାଡ଼ି ଏକାସାଙ୍ଗରେ ଏକ 'ଜନଜୟ' ବା ଧାଡ଼ି ହୋଇ ଯାଇଛନ୍ତି ନୂଆଗାଁ ପର୍ଯ୍ୟନ୍ତ ଏବଂ ସେଠାରୁ ସିଧା ସେହି ରାସ୍ତାରେକ ଫେରୁଛନ୍ତି । ୧୨ଟି ଗାଡ଼ି ଗୋଟିଏ ରାସ୍ତାରେ ଏକାସାଙ୍ଗରେ ଗଲାବେଳେ ସେମାନଙ୍କର ସମ୍ମିଳିତ ଶବ୍ଦ ଏବଂ ଜମ୍ପନ ପ୍ରାକୃତିକ ଭାବେ ବନ୍ୟଜନ୍ତୁଙ୍କୁ ରାସ୍ତାଠାରୁ ଦୂରେଇ ନିଏ । ଅନ୍ୟ ଅଭୟାରଣ୍ୟରେ ବିଭିନ୍ନ ଜୋନ୍‌ର ବିଭିନ୍ନ ରୁଟ୍‌ରେ ଗୋଟିଏ ଗୋଟିଏ ଗାଡ଼ି ଯିବାଦ୍ୱାରା ବନ୍ୟଜନ୍ତୁ ଦେଖିବା ଯେଉଁଠି ସମ୍ଭବ ହୁଏ, ଏଠାରେ ତାହା ପ୍ରାୟ ଅସମ୍ଭବ ହୋଇପଡ଼େ । ନ୍ୟାସନାଲ ଜିଓଗ୍ରାଫିକରେ କଳାବାଘଙ୍କୁ ନେଇ ପ୍ରକାଶିତ ବିଷୟବସ୍ତୁ ହଜାର ହଜାର ଫଟୋଗ୍ରାଫର ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିବାବେଳେ, ବର୍ତ୍ତମାନର ଭିତିଭୂମି ଏବଂ ପରିଚାଳନା ସେହି ପ୍ରଚାର ଅନୁଯାୟୀ ଅଭିଜ୍ଞତା ପ୍ରଦାନ କରିବାରେ ଅସମର୍ଥ । ଅବଶ୍ୟ ଶିମିଳିପାଳ ସହିତ ଦେଶର ପ୍ରମୁଖ ବ୍ୟାଘ୍ର ସଫାରୀ କେନ୍ଦ୍ର ବାନ୍ଧବଗଡ଼କୁ ତୁଳନା କରିବା ଠିକ୍ ହେବନାହିଁ । କାରଣ ବାନ୍ଧବଗଡ଼ ବିଶ୍ୱର ସେହି ଜଙ୍ଗଲଗୁଡ଼ିକ ମଧ୍ୟରୁ ଗୋଟିଏ, ଯେଉଁଠାରେ ବାଘଙ୍କ ଘନତ୍ୱ ସର୍ବାଧିକ । ଫଳରେ ସଫାରୀ ସମୟରେ ବାଘ ଦେଖିବାର ସୁଯୋଗ ବହୁତ ବଢ଼ିଯାଏ । ଶିମିଳିପାଳ ଏକ ବିଶାଳ ଜଙ୍ଗଲ, କିନ୍ତୁ ଏଠାରେ ବାଘଙ୍କ ସଂଖ୍ୟା ସେହି ଅନୁପାତରେ କମ୍ । ବାସମାନେ ବହୁତ ବଡ଼ ଅଞ୍ଚଳରେ ବିଛେଇ ହୋଇ ରହିଥାନ୍ତି, ଯାହା ସେମାନଙ୍କୁ ଦେଖିବା କଷ୍ଟକର କରିଥାଏ । ସେହିପରି ବାନ୍ଧବଗଡ଼ ଜଙ୍ଗଲ ଅପେକ୍ଷାକୃତ ଖୋଲା ଏବଂ ପଥୁରିଆ ପାହାଡ଼ିଆ ଅଞ୍ଚଳ ରହିଛି । ଶୁଖିଲା ପର୍ଣ୍ଣମୋଚୀ ଜଙ୍ଗଲ ହୋଇଥିବାରୁ ଗଛର ଘନତ୍ୱ କମ୍ ଥାଏ, ଯାହା ଦୂରରୁ ବାଘକୁ ଚିହ୍ନିବାରେ ସାହାଯ୍ୟ କରେ । କିନ୍ତୁ ଶିମିଳିପାଳ ଏକ ଅତି ଘନ ଜଙ୍ଗଲ ଯାହା ଏକ ଛାତାର ((ଷ୍ଣବ୍ଜଷ୍ଣକ୍ସସମବଷ୍ଣ ଭରଭଷ୍ମର ଭଷ୍ଣକ୍ସରଭଷ୍ମ)) । ଏଠାରେ ଶାଳଗଛର ଘନତା ଏବଂ ବହଳିଆ ଚୂଡ଼ା ଯୋଗୁଁ ବାଘ ସାମ୍ନାରେ ଥିଲେ ମଧ୍ୟ ସହଜରେ ଦେଖାଯାଏ ନାହିଁ । ପ୍ରମୁଖ କାରଣ ହେଲା ସଫାରୀ ମ୍ୟାନେଜମେଣ୍ଟ ଓ ଟ୍ରାକି ବ୍ୟବସ୍ଥା ଗାଡ଼ିରେ ବାଘ ଦେଖିବାର ଗାଇଡ୍ ଏବଂ ଡ୍ରାଇଭରମାନେ ବହୁତ ଅଭିଜ୍ଞ । ସେମାନେ ବାଘର ଗତିବିଧି, ପାବଚିହ୍ନ ଏବଂ ଅନ୍ୟ ପ୍ରାଣୀଙ୍କ ଚିତ୍କାର (ଇଷ୍ଟବକ୍ସଜ୍ଞ ଭରଭଷ୍ମ୍ପ)କୁ ଖୁବ୍ ଭଲଭାବରେ ବୁଝନ୍ତି । ଏହାଛଡ଼ା ବାଘଙ୍କ ଉପରେ ନଜର ରଖିବା ପାଇଁ ଏଠାରେ ଏକ ବ୍ୟବସ୍ଥିତ ତନ୍ତ୍ର ରହିଛି । କିନ୍ତୁ ଶିମିଳିପାଳରେ ପର୍ଯ୍ୟଟନ କ୍ଷେତ୍ର ଅପେକ୍ଷାକୃତ ସୀମିତ ଏବଂ ଟ୍ରାକି ସୁବିଧା ବାନ୍ଧବଗଡ଼ ଭଳି ଏତେ ଉନ୍ନତ ନୁହେଁ । ଅଧିକାଂଶ ସମୟରେ ପର୍ଯ୍ୟଟକମାନେ କେବଳ ମୁଖ୍ୟ ରାସ୍ତାରେ ଯାଆନ୍ତି, ଯେଉଁଠାରେ ବାଘ ଆସିବାର ସୁଯୋଗ କମ୍ ଥାଏ । ସବୁଠାରୁ ଉଲ୍ଲେଖନୀୟ କାରଣ ହେଲା, ବାନ୍ଧବଗଡ଼ର ବାଘମାନେ ବହୁତ ବର୍ଷ ଧରି ସଫାରୀ ଗାଡ଼ି ଦେଖି ଅଭ୍ୟସ୍ତ ହୋଇଗଲେଣି । ସେମାନେ ଗାଡ଼ି ଦେଖିଲେ ଭୟ କରନ୍ତିନାହିଁ ବା ଲୁଚନ୍ତିନାହିଁ । କିନ୍ତୁ ଶିମିଳିପାଳର ବାଘମାନେ ବହୁତ ଲାଜକୁଳା ଏବଂ ମଣିଷଙ୍କ ଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି । ଗାଡ଼ିର ଶବ୍ଦ ଶୁଣିଲେ ସେମାନେ ଘନ ଜଙ୍ଗଲ ଭିତରକୁ ଚାଲିଯାନ୍ତି । ଦେଶୁ ଯଦି କେହି କେବଳ ବାଘ ଦେଖିବାକୁ ଚାହୁଁଛନ୍ତି ତେବେ ବାନ୍ଧବଗଡ଼ ଶ୍ରେଷ୍ଠ, କିନ୍ତୁ ପ୍ରକୃତିର ଶାନ୍ତି ଏବଂ ବିଭିନ୍ନ ପ୍ରକାରର ପକ୍ଷୀ ଓ କୀଟପତିଙ୍କୁ ଦେଖିବା ପାଇଁ ଶିମିଳିପାଳ ଅତୁଳନୀୟ । ଏକ ସପ୍ତାହ ଏବଂ ସୁବ୍ୟବସ୍ଥିତ ବାଘ ସଫାରୀ ପାଇଁ କେବଳ ଭାଗ୍ୟ ନୁହେଁ, ବରଂ କିଛି ବୈଷୟିକ ଏବଂ ପରିଚାଳନାଗତ ବିଘ୍ନ ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ । ବାଘମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ରେଞ୍ଜରମାନଙ୍କ ପାଖରେ ଉନ୍ନତ ଓ୍ୱାକି-ଟକି କିମ୍ବା ମନିଟର ସିଷ୍ଟମ ରହିବା ଦରକାର । ବାଘମାନଙ୍କ ପାଇଁ ଏକ ସୁସ୍ଥ ପରିବେଶ ସଂରକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସଫାରୀ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ହରିଣ, ସମ୍ବର ଏବଂ ବରାହ ଭଳି ଶିକାର ଜନ୍ତୁ ରହିବା ଦରକାର । ବାଘମାନେ ଜଳାଶୟ ନିକଟରେ ରହିବାକୁ ପସନ୍ଦ କରନ୍ତି । ଶିମିଳିପାଳ ଜଙ୍ଗଲ ଭିତରେ କ

ରାଜଘାଟରେ ଡ଼ଃ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଶେଷକୃତ୍ୟ ସମ୍ପନ୍ନ

ସମ୍ବଲପୁର,୧୮/୨(ନି/ପ୍ର):ସୁନାମଧନ୍ୟ ଚିକିତ୍ସକ ତଥା ପୂର୍ବତନ ବିଧାୟିକା ଡ଼ଃ ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ ପରେ ମଙ୍ଗଳବାର ସ୍ଥାନୀୟ ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଶୋକାକୁଳ ପରିବେଶ ମଧ୍ୟରେ ସହରର ହଜାର ହଜାର ଜନସାଧାରଣ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ ଓ ଶୋଭାଯାତ୍ରାରେ ସମ୍ବଲପୁର ସହର ମୁଖରିତ ହୋଇ ଉଠିଥିଲା ଓ ତାଙ୍କର ଶେଷ ଯାତ୍ରା ସମୟରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । କୀର୍ତ୍ତନ, 'ରଘୁପତି ରାଘବ ରାଜା ରାମ' ଗୀତ ଏବଂ 'ରାମ ନାମ ସତ୍ୟ ହୈ' ଧ୍ୱନିରେ ସମ୍ବଲପୁରର ଗଗନ ପବନ ମୁଖରିତ ହୋଇଉଠିଥିଲା । ସମର୍ଥକ ଓ ଶୁଭଚ୍ଛୁମାନେ 'ରାସେଶ୍ୱରୀ ପାଣିଗ୍ରାହୀ ଅମର ରହେ' ନାରା ଦେଇ ନିଜର ପ୍ରିୟ ନେତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆର୍ଯ୍ୟ ସମାଜର ରୀତିନୀତି ଅନୁଯାୟୀ ବେଦ ମନ୍ତ୍ର ପାଠ କରାଯାଇ ଅଗ୍ନି ସଂଯୋଗ କରାଯାଇଥିଲା । ରାସେଶ୍ୱରୀଙ୍କ ବଡ଼ ଭାଇ ଭାଗିରଥି ପାଣିଗ୍ରାହୀଙ୍କ ପୁତ୍ର ସ୍ୱରୂପ ପାଣିଗ୍ରାହୀ ଏବଂ ପୁତ୍ର ଦେବାଶିଷ ମିଶ୍ର ମୁଖାଗ୍ନି ଦେଇଥିଲେ । ଏହି ଶେଷକୃତ୍ୟ ସମୟରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ଙ୍କ. ରୋହିତ ପୂଜାରୀ, ପୂର୍ବତନ ବିଧାୟକ ନାଗରୀ ନାଏକ ଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ଡାକ୍ତର ଓ ସାମ୍ବାଦିକ ପ୍ରମୁଖ ସାମିଲ ହୋଇଥିଲେ ।

ଜିଲ୍ଲା ବିକାଶ ସମନ୍ୱୟ ଓ କାର୍ଯ୍ୟକାରିତା ନେଇ ଦିଶା କମିଟିର ସମୀକ୍ଷା ବୈଠକ

ସମ୍ବଲପୁର,୧୮/୨(ନି/ପ୍ର): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମର ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଦିଶା କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଫଂଗାଗରିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ, ରବିନରାୟଣ ନାୟକ, ଲେଙ୍ଗାଳି ବିଧାୟକ ସୁର୍ଯ୍ୟର୍ଣ୍ଣ ହରିପାଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଉତରାଂଚଳ ଆଇନି ହିମାଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରୋହାନ୍ କ୍ଷତ୍ରୀ, ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାଡ଼ୁଙ୍କ ସମେତ ସମ୍ବଲପୁର, ଝୁଟିଣ୍ଡା ଓ ରେଡାଖୋଲ ବରଷଣ୍ଡ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା । ସଭାରେ ସମ୍ବଲପୁର ଜିଲ୍ଲାରେ ବିଦ୍ୟୁତୀକରଣ, କୃଷି, ମତ୍ସ୍ୟଚାଷ, ଉଦ୍ୟାନଚାଷ, ସଡ଼କ ଓ ସେତୁ ନିର୍ମାଣ ବିଭିନ୍ନ ବିଭାଗର କାର୍ଯ୍ୟକାରୀତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଦ୍ୟୁତ ବିଭାଗ ପକ୍ଷରୁ ଗୃହସ୍ଥ ବିଦ୍ୟୁତୀକରଣ ଓ ବିଦ୍ୟୁତ ଢାଂଚା ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ବର୍ଷ ଅନୁସାରେ ଲାଭାନ୍ୱିତଙ୍କ ବିବରଣୀ ପ୍ରଦାନ କରାଯାଇଥିଲା । ସଭାରେ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅନ୍ୟୋନ୍ୟ ସମନ୍ୱୟ ବୃଦ୍ଧି କରିବାକୁ ଉଲ୍ଲେଖ କରିଥିଲେ । ଅଧ୍ୟକ୍ଷଙ୍କ ଦ୍ୱାରା ବିଭାଗମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଜନ ହିତକାରୀ ଯୋଜନାଗୁଡ଼ିକୁ ସଠିକ ଭାବେ ପ୍ରୟୋଗ କରିବାକୁ କୁହାଯାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ। ସଭାରେ ଆରମ୍ଭରେ ଜିଲ୍ଲାପାଳ ତଥା ଥିବା କମିଟିର ସଦସ୍ୟ ସଚିବ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଜିଲ୍ଲା ପରିଷଦ ର ଜିଲ୍ଲା ଉନ୍ନୟନ ଅଧିକାରୀ(ସିଡ଼ିଓ-କମ-ଇଓ) ଶ୍ରୀ ପାତ୍ର ଧନ୍ୟବାଦ ଭାଷଣ ପ୍ରଦାନ କରିଥିଲେ ।

ଜଳିଗଲା କାର, ବର୍ତିଗଲା ବସ୍ତି

ଝାରସୁଗୁଡ଼ା,୧୮/୨(ନି/ପ୍ର):ବେହେରାମାଲ ସ୍ଥିତ ନୂଆପଡ଼ା ବସ୍ତିରେ ଏକ କାରରେ ନିଆଁ ଲାଗି ଭୟାବହ ଅଗ୍ନିକାଣ୍ଡ ଘଟିଛି । ଧୂଆ ହୋଇଥିବା ୪ ଟି ଟାୟାରରେ ନିଆଁ ଲାଗିବାରୁ ଆଖପାଖକୁ ନିଆଁ ବ୍ୟାପି ଯାଇଥିଲା । ସୂଚନା ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଆୟତ ହେବାରୁ ଅଞ୍ଚଳେ ନୂଆପଡ଼ା ବସ୍ତି ଲୋକେ ଏକ ଭୟାବହ ଅଗ୍ନିକାଣ୍ଡ ରୁ ବର୍ଦ୍ଧି ଯାଇଥିଲେ । ସୂଚନା ଅନୁସାରେ ବେହେରା ମାଲ ସ୍ଥିତ ନୂଆପଡ଼ା ବସ୍ତିରେ ପରସ୍ପରି ପଟେଲ ଙ୍କ ଭଡ଼ା ଘରେ ଡ୍ରାଇଭର ମାନେ ରହୁଛନ୍ତି । ସେମାନେ ଆଜି ସକାଳୁ କାମାନାକୁ କାମ କରିବାକୁ ଯାଇଥିଲେ । ଗେଟ ବନ୍ଦ କରି ଘର ସମସ୍ତେ ଯାଇଥିବାବେଳେ ଆଜି ହଠାତ୍ କୌଣସି କାରଣରୁ ସେ ଭଡ଼ା ଘରେ ନିଆଁ ଲାଗିଯାଇଥିଲା । ଘରେ ଥିବା କାରରେ ନିଆଁ ଲାଗି ଯାଇଥିଲା । ପାଖରେ ଧୂଆ ହୋଇଥିବା ୪ ଟି ବଡ଼ ଟାୟାରରେ ନିଆଁ ଲାଗିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ପାଖରେ ଥିବା ଘର ଝରକାରେ ମଧ୍ୟ ନିଆଁ ଲାଗିଯାଇଥିଲା । ସୂଚନା ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା ।

ଶିବ ଦର୍ଶନ ପରେ ଲିଭିଗଲା ଜୀବନ ଦୀପ

ନାଳଟିବେଢଳ,୧୮/୨(ନି/ପ୍ର): ଶିବରାତ୍ରି ଅବସରରେ ମହାଦେବଙ୍କ ନିଳଟରେ ଦୀପ ଜାଳି ବାହାରକୁ ବାହାରୁଥିବା ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଦୀପ ଲିଭିଯାଇଛି । ଏଭଳି ଏକ ଘଟଣା ସମ୍ବଲପୁର ଜିଲା ନାଳଟିବେଢଳ ଅଂଚଳରେ ଘଟିଛି । ନାଳଟିବେଢଳ ବ୍ଲକ ବାଟଗାଁ ପଚାଂୟତର କୁଞ୍ଜାମୁରା ଗ୍ରାମ ସ୍ଥିତ ବହୁ ପୁରାତନ ତଥା ପ୍ରସିଦ୍ଧ ବାବା ବିଶ୍ୱେଶ୍ୱର ଶିବ ମନ୍ଦିରରେ ରବିବାର ସକାଳୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସମ୍ବଲପୁର ସହର ହୀରାକୁଦ ଲଲୋନାର ଅନିଲ ମିଶ୍ର (୬୦) ସପରିବାର ଆସି ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରିଥିଲେ । ମନ୍ଦିରରେ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ସାଢେ ୧୧ଟାରେ ପରିବାର ସହ ବାହାରକୁ ଆସିବା ପରେ ଅନିଲ ହଠାତ୍ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ । ତୁରନ୍ତ ତାଙ୍କୁ ନିକଟସ୍ଥ ବାଟଗାଁ ପ୍ରାଥମିକ ଡାକ୍ତରଖାନାକୁ ନିଆଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ନାଳଟିବେଢଳ ଡାକ୍ତରଖାନା ନିଆଯାଇଥିବା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନିଲ ରବିବାର ଉପବାସ ରହିଥିବା ବେଳେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି ।

୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସ ଆରମ୍ଭ : କେନ୍ଦ୍ରମନ୍ତ୍ରୀ

ହୀରାକୁଦ/ସମ୍ବଲପୁର,୧୮/୨(ନି/ପ୍ର):ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ,ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ । ଆଜି ସମ୍ବଲପୁରର ଐତିହାସିକ ହୀରାକୁଦ ଠାରେ 'ଏମସିଏଲ୍ ହୀରାକୁଦ ଲଟରନ୍ୟାସନାଲ ହାଫ୍ ମାରାଥନ୍–୨୦୨୬'ର ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ, ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ଏକ ଦୃଢ଼ ସଂକଳ୍ପ । ହୀରାକୁଦର ସୁଜଳ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ବେଶ-ବିଦେଶର ୧୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଯୁବଯାତ୍ରା ଅଂଶଗ୍ରହଣ କରିଥିଲେ । ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ ହଜାର ହଜାର ପ୍ରତିଭାବାନ ଧାବକ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା । ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବିଶେଷ କରି ଲଥିପିଆ ଏବଂ ନାଇଜେରିଆ ଭଳି ଦେଶରୁ ଆନ୍ତର୍ଜାତୀୟ ଖେଳାଳିମାନେ ମଧ୍ୟ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଏହାକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଯୋଜନା କରାଯିବ । ଏହି ଅବସରରେ ସେ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ ଓ ଯୁବଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆୟୋଜକ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ, ଭାରତ ସରକାର ଓ ଓଡ଼ିଶା ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ସେ କହିଛନ୍ତି, ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି । ଯେତେବେଳେ ଜଣେ ଯୁବକ ଦୌଡ଼େ, ସେତେବେଳେ ପୂରା ସମାଜ ଦୌଡ଼େ ଏବଂ ଦେଶ ପ୍ରଗତି ପଥରେ ଦୌଡ଼େ । ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରଖିବା ପାଇଁ ଦୌଡ଼ି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମାରାଥନ୍ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଜଣେ କ୍ରୀଡ଼ାବିତ୍‌ର ପ୍ରକୃତ ସ୍ୱୋର୍ଟ୍ସମ୍ୟାନ ସ୍ପିରିଟ୍ ବା ଖେଳୁଆଡ଼ ମନୋଭାବକୁ ମଧ୍ୟ ପ୍ରବର୍ଦ୍ଧିତ କରୁଛି । ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଏବଂ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ । ସମ୍ବଲପୁରର ପରିଚୟ ଆଜି କେବଳ କୃଷିରେ ସୀମିତ ନାହିଁ; ଏହା କୃଷିରୁ ସଂସ୍କୃତି ଏବଂ ପର୍ଯ୍ୟଟନରୁ କ୍ରୀଡ଼ା କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି । ଏହି ଆନ୍ତର୍ଜାତୀୟ ମାରାଥନ୍ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ଆମର ସମୃଦ୍ଧ ସମ୍ବଲପୁରୀ ବସ୍ତ୍ର, କଳା ଏବଂ ନିଆରା ଆତିଥ୍ୟସତ୍କାର ଅନୁଭବ କରିବାର ସୁଯୋଗ ପାଇବେ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜବୁତ କରିବ ।ଶେଷରେ ସେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ୨୦୨୬ରୁ ହିଁ ଓଡ଼ିଶାର ପ୍ରତିଭାବାନ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁର ଏବଂ ଓଡ଼ିଶାର ପିଲାମାନେ ଆଗାମୀ ଦିନରେ ଅଲିମ୍ପିକ୍ସ ମେଡାଲ ଜିତି ଦେଶକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି । ଉଲ୍ଲେଖନୀୟ ଯେ, ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇଥିଲେ ।

ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୧୮/୨(ନି/ପ୍ର): ଖଡିଆ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ବାଶଙ୍କ ଅଧ୍ୟକ୍ଷତାରେ ଚନାବେଡା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ସୁମି ସୋରେନ୍, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ସିଡିଏମଓ ଡା. ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କଡ, ଚହସିଲଦାର ନରସିଂହ ଗଡବା, ସ୍ଥାନୀୟ ସରପଂଚ ମଥାମଣି ଚାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଏହି ଫଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ବିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାରୋହରେ ଜିଲ୍ଲାପାଳ ଶିଶୁ କନ୍ୟାଙ୍କୁ ଆଶିର୍ବାଦ ସହିତ ଉପହାର ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ବିନଟିଏ କାର୍ଯ୍ୟକ୍ରମରେ ଗାଁର ସାତ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ । ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ସଭାରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଜନ ସାଧାରଣଙ୍କୁ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହା ସହିତ ନୂଆପଡ଼ା ଅରୋମାଡ଼ୁ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି, ଦନା, ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲାର ୧୪୧ ଡମ ବର୍ତନ ବ୍ୟାଙ୍କ ର ଉଦ୍ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ପ୍ରଥମ 'ଶ୍ରଦ୍ଧା ମିତୁ' ପୁରସ୍କାର ୟାର୍ ର ସଭାପତି ମହେନ୍ଦ୍ର ଯୋଶୀଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସତ୍‌ଭାବ କରି କହିଲେ, ଜିଲ୍ଲା ପ୍ରଶାସନ ଚରଫରୁ ସମସ୍ତ ସୁବିଧା ସୁଯୋଗ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସଭାରେ ବୁଢଜଣ ଶ୍ରେଷ୍ଠ ଶ୍ରୋତା, ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକ ମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଶିଳ୍ପ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ଏବଂ ଶ୍ରମ ବିଭାଗ ଦ୍ୱାରା ହିତାଧାରୀ ମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଥିଲା । ଚନାବେଡା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମାନେ ପରିବେଶ ସୁରକ୍ଷା ତଥା ପ୍ରବାସୀ ଶ୍ରମିକ ସଚେତନତା ପାଇଁ ସୁନ୍ଦର ନୃତ୍ୟଗୀତ ପରିବେଷଣ କରିଥିଲେ କ୍ଷ ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ । ଏହି ଶିବିରରୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର୍ ନମିତା ପାଢ଼ୀ, ଖଡିଆଳ ସିଡିପିଓ ଲତା ବିଶାଲ, ସ୍ଥାନୀୟ ସରପଂଚ, ଫଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ତାଲା ପକାଇଲେ ଚାଷୀ

କେନ୍ଦ୍ରାପଡ଼ା,୧୮/୨(ନି/ପ୍ର): କେନ୍ଦ୍ରାପଡ଼ା ଜିଲା ଓସ୍ତପୁର ଧାନମଣ୍ଡିରେ ତାଲା ପକାଇଲେ ଚାଷୀ । ମଣ୍ଡିରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନହେବାରୁ ଚାଷୀମାନେ ଏହି ପଦକ୍ଷେପ ନେଇଛନ୍ତି । ପ୍ରତି ବସ୍ତାରେ ୫ କେଜି ଧାନ ଜାତି ରଖିବା, ଧାର୍ଯ୍ୟ ପରିମାଣରୁ ୨୫ ପ୍ରତିଶତ କମ୍ ଧାନ ନେବା ଏବଂ ଟୋକନ ଅବଧି ପୂରଣ ହୋଇସିବା ପରେ ମଧ୍ୟ ଧାନ ଦେଇ ନପାରିବା ଭଳି ଗୁରୁ

୧୨ ଟି ସ୍ଥାନରେ ପୋଲିସର ଚଢ଼ଉ

ରାଉରକେଲା ୧୮/୨(ନି/ପ୍ର):ରାଉରକେଲାରେ ଆଜି ଚାଲିଛି ଏକ ବଡ ଧରଣର ପୋଲିସ ଚଢ଼ଉ। ପ୍ରାୟ ୧୦ ରୁ ୧୨ ଟି ସ୍ଥାନରେ ଆଜି ଭୋରୁ ଏହି ଚଢାଉ ଆରମ୍ଭ କରାଯାଇଛି। ସ୍ଟାଂସାଇଡ୍, ଉଦିତ ନଗର , ବନ୍ଧମୁଣ୍ଡା ଥାନା ସମେତ ସହରର ଅନ୍ୟ ଥାନା ଅଞ୍ଚଳରେ ଏହି ଚଢାଉ କରା ଯାଉଛି। ସାଇବର ଠଢାମୀ , କ୍ରିକେଟ୍ ସଟା, ବେଆଇନ୍ ବ୍ୟାଙ୍କ୍ ଆକାଉଣ୍ଟରେ ଟଙ୍କା ଲେନ୍ଦ ଦେନ୍ ମାମଲାରେ ଏହି ଚଢାଉ ଚାଲିଥିବା ଜଣା ପଡ଼ିଛି। ରାଉରକେଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ ଚାଲିଛି। ବିର୍ସା ହାହାର ରୋଡ , ଲାଲ ବିଲ୍ଡିଂ ଲେନ୍, ବନ୍ଧମୁଣ୍ଡା ଆଦି ଅଞ୍ଚଳ ସମେତ ଅନ୍ୟ ସ୍ଥାନ ମାନଙ୍କରେ ଏହି ଲେନ୍ଦ ଚାଲିଥିବା ଜଣା ପଡ଼ିଛି। ପୋଲିସ୍ ସୂତ୍ରରୁ ଏପର୍ଯ୍ୟନ୍ତ କୌଣସି ବିବୃତି ଆସି ନଥିବା ବେଳେ ଅନ୍ ଲାଇନ୍ ଠଏଲେ , କ୍ରିକେଟ୍ ସଟା ଠଏଲେ ମାମଲାରେ ଏହି ଚଢାଉ ଚାଲି ଥିବା ଜଣା ପଡିଛି।

ଶୀତଳା ମାତା ପ୍ରତିଷ୍ଠା ମହୋତ୍ସବକୁ ନେଇ କଳସ ଯାତ୍ରା

ରାଉରକେଲା,୧୮/୨(ନି/ପ୍ର):ଶୀତଳା ମାତା ପ୍ରତିଷ୍ଠା ମହୋତ୍ସବ ଅବସରରେ ଉଦିତନଗର ଫିହାସମ୍ପୀ ମନ୍ଦିରରୁ ଏକ ବିଶାଳ କଳସ ଶୋଭାଯାତ୍ରା ବାହାରିଥିଲା। ଏହି କଳସ ଯାତ୍ରାରେ ବହୁ ସଂଖ୍ୟାରେ ସଧବା ମହିଳାମାନେ ସାମିଲ ହୋଇଥିଲେ, ଯାହା ମହତାବ ରୋଡ୍ ବେଇ ପାଖାର ହାଉସ୍ ରୋଡ୍, ଜବେରୀ ରୋଡ୍ ବେଇ ବିର୍ସା ଢ଼ାହାର ଛକ (ବିର୍ସା ଦହଲ) ସ୍ଥିତ ମନୋକାମନା ସିଦ୍ଧି ହନୁମାନ ମନ୍ଦିରରେ ପହଂଚିଥିଲା। ଏହି ଶୋଭାଯାତ୍ରାରେ ମହିଳାମାନେ ନାଲି ଶାଢ଼ୀ ଓ ନାଲି ଚୁନରୀ ପିନ୍ଧି ମୁଣ୍ଡରେ କଳସ ଧରି ସାମିଲ ହୋଇଥିଲେ। ଢୋଲ , ନଗଡ଼ା ଓ ବାଜା ସହିତ ଏହି କଳସ ଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗ ଦେଇଥିଲେ। ଏହାପରେ ମନୋକାମନା ହନୁମାନ ମନ୍ଦିର ପରିସରରେ କଳସ ସ୍ଥାପନ କରାଯାଇଥିଲା। ମନ୍ଦିରର ପୂଜକଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯିବା ପରେ ଆରତୀ ହୋଇଥିଲା ଓ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନ କରାଯାଇଥିଲା। ଏହି କଳସ ଯାତ୍ରାକୁ ସଫଳ କରିବାରେ ମନୋକାମନା ସିଦ୍ଧି ହନୁମାନ ମନ୍ଦିରର ସମସ୍ତ ପଦାଧିକାରୀ ଓ ସଦସ୍ୟମାନଙ୍କର ସକ୍ରିୟ ଯୋଗଦାନ ରହିଥିଲା।

ଏଆଇ-ସମ୍ପ୍ରସାରିତ ହାତୀ ସୁରକ୍ଷା ପ୍ରଣାଳୀ ଦ୍ୱାରା ଟ୍ରେନ୍-ହାତୀ ଦୁର୍ଘଟଣା ରୋକିବାର ସଫଳ ରୂପାୟନ

ରାଉରକେଲା ୧୮/୨(ନି/ପ୍ର): ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ରେଳ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ସୃଷ୍ଟି କରି, ରାଉରକେଲା ବନ ବିଭାଗ ଓଡିଶାରେ ପ୍ରଥମଥର ପାଇଁ ଟାରୋଟି ଏଆଇ-ସମ୍ପ୍ରସାରିତ ହାତୀ ସୁରକ୍ଷା ଟାଓ୍ୱାର ସ୍ଥାପନ କରିଛି । ଏହି ପ୍ରୟାସ ଦ୍ୱାରା ସମାନ୍ୟ ଭୟାବହ ଟ୍ରେନ୍ ହାତୀ ଧକ୍କାକୁ ସଫଳତାର ସହ ରୋକାଯାଇପାରିଛି। ଏହା ବର୍ତମାନର ପ୍ରଯୁକ୍ତି ଓ ପରିବେଶ ସୁରକ୍ଷାର ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ। ୨୦୨୪ ନଭେମ୍ବର ୧୮ ପର୍ଯ୍ୟନ୍ତ ଏହି ବିଭାଗରେ ଟ୍ରେନ୍ ଦୁର୍ଘଟଣାରେ ୫ଟି ହାତୀର ମୃତ୍ୟୁ ଘଟିଥିଲା । ଦକ୍ଷିଣ - ପୂର୍ବ ରେଳପଥ ଅଧୀନରେ ଥିବା ରେଳ ଲାଇନ ଘନବନ ଅଞ୍ଚଳ ମଧ୍ୟ ଦେଇ ଯାଇଛି । ଯାହା ହାତୀମାନଙ୍କ ପାରମ୍ପରିକ ଚଳାଚଳ ପଥକୁ ବିଭକ୍ତ କରି ସେମାନଙ୍କୁ ନିରନ୍ତର ଅସୁବିଧାରେ ପକାଇଥାଏ । ଝାଡ଼ଖଣ୍ଡ-ମୁୟାଲ ମୁଖ୍ୟ ରେଳପଥ ଏବଂ ହାଟିଆ-ବନ୍ଧମୁଣ୍ଡା-ବରଗୁଆ ଶାଖା ରେଳପଥ, ଯାହାକି ବନ୍ଧମୁଣ୍ଡାରେ ସଂଯୁକ୍ତ ହୋଇଛି, ହାତୀ ଚଳାଚଳ ଅଂଚଳ ମଧ୍ୟରୁ ଅନ୍ୟତମ । ଏହା ଏତେ ବିଶ୍ମୟ ଯେ , ଏହି ଅଞ୍ଚଳରେ ହାତୀ ଚଳାଚଳର ନିରୀକ୍ଷଣ କରିବା ଅତ୍ୟନ୍ତ କଠିନ ହୋଇପଡେ । ୨୦୨୪ ନଭେମ୍ବର ୧୯ରୁ ଏହି ଅଂଚଳର ବନ ବିଭାଗ ପକ୍ଷରୁ ଟାରୋଟି ଆଧୁନିକ ଏଆଇ ଟାଓ୍ୱାର କାର୍ଯ୍ୟତ କରାଯାଇଛି, ଯାହାର ବିଶେଷତା ହେଲା ଉନ୍ନତ ଥର୍ମାଲ୍ କେମେଟ୍ କ୍ୟାମେରା, ଭଳ ସମ୍ବେଦନଶୀଳ ମୋଶନ୍ ସେନ୍ସର, ମେସିନ୍ ? ଲର୍ଣ୍ଣିଙ୍ଗ ଆଧାରିତ ପ୍ରାଣୀ ପରିଚୟ ପ୍ରଣାଳୀ ଏବଂ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ସଚେତନ ବାର୍ତା ପ୍ରେରଣ । ଏହି ଏଆଇ ଟାଓ୍ୱାରଗୁଡ଼ିକୁ ଝାଡ଼ଖଣ୍ଡ-ମୁୟାଲ ମୁଖ୍ୟ ରେଳପଥର ମହିପାଣି ଓ ସୋନାଖାନ ଏବଂ ବନ୍ଧମୁଣ୍ଡା-ବରଗୁଆଁ ଶାଖା ରେଳପଥର ଡାଲାକୁଦର ଓ ଲୁଚେଇଟା ଠାରେ ସ୍ଥାପିତ କରାଯାଇଛି । ଏହା ଓଡ଼ିଶାରେ ପ୍ରଥମ ଏଆଇ ଭିତ୍ତିକ ବନ୍ୟଜନ୍ତୁ ସୁରକ୍ଷା ପ୍ରୟାସ। ୨୦୨୪ ନଭେମ୍ବର ୧୯ରୁ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରାୟ ୮୮୦ଟି ହାତୀ ଚଳାଚଳ ସମ୍ପର୍କିତ ସଚେତନ ବାର୍ତା ମିଳିବା ପରେ ଏହାର ସଫଳତା ପ୍ରମାଣିତ ହୋଇଛି । ପ୍ରତ୍ୟେକ ସଚେତନତା ବାର୍ତାରେ ଗୋଟିଏ ହାତୀକୁ ଆଉଜ କରି ୩୦ଟି ପର୍ଯ୍ୟନ୍ତ ହାତୀ ଥିବା ବଳର ଚଳାଚଳ ଚିହ୍ନଟ ହୋଇଥିଲା । ୨୦୨୫ ନଭେମ୍ବର ୨୬ରେ ଲୁଚେଇଟାରେ ଏଆଇ ଟାଓ୍ୱାରର ଏକ ସଚେତନ ବାର୍ତା ଦ୍ୱାରା ପ୍ରାୟ ୩୦ଟି ହାତୀଙ୍କୁ ଏକ ସମ୍ଭାବ୍ୟ ଦୁର୍ଘଟଣାରୁ ରକ୍ଷା କରାଯାଇଥିଲା । ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ଲୁଚେଇଟାରେ ୩୪ଟି ଘଟଣା ରୋକାଯାଇପାରିଛି ଏବଂ ଏହାଦ୍ୱାରା ପ୍ରାୟ ୨୩୩ଟି ହାତୀ ସୁରକ୍ଷିତ ରହିଛନ୍ତି । ସେହିପରି ସୋନାଖାନରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୬ଟି ଘଟଣାରେ ପ୍ରାୟ ୨୨ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଛି । ଏଥିସହିତ ମହିପାଣିରେ ୪ଟି ଘଟଣାରେ ୬ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଥିଲା ବେଳେ ଡାଲାକୁଦରରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୨ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇପାରିଛି । ହାତୀ ରେଳପଥ ନିକଟରେ ଚଳାଚଳ କଲେ , ଏଆଇ ପ୍ରଣାଳୀ ତୁରନ୍ତ ବନ୍ଧମୁଣ୍ଡା ରେଳ ଏଆରଏମ୍ କାର୍ଯ୍ୟାଳୟରେ ଅବସ୍ଥିତ ନିୟନ୍ତ୍ରଣ କକ୍ଷକୁ ସଚେତନ ବାର୍ତା ପଠାଏ, ଯାହା ବନ ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ଭାରତୀୟ ରେଳ ବିଭାଗ କର୍ମଚାରୀମାନେ ତୁରନ୍ତ ଗତି

ନିୟନ୍ତ୍ରଣ କିମ୍ବା ଆବଶ୍ୟକତା ଅନୁସାରେ ଟ୍ରେନ୍ ରୋକି ଦେଇ ଦୁର୍ଘଟଣା ରୋକିଥାନ୍ତି। ଓଡ଼ିଶାର ବନ ଅଞ୍ଚଳରେ ମାନବ-ହାତୀ ସଂଘର୍ଷ ଏବଂ ରେଳ ଦୁର୍ଘଟଣା ବର୍ଷବିନ ଧରି ଚିନ୍ତାର ବିଷୟ ଥିଲା । ଏହି ନୂଆ ପ୍ରଯୁକ୍ତିମୂଳକ ଏଆଇ ସମ୍ପ୍ରସାରିତ ହାତୀ ସୁରକ୍ଷା ପ୍ରଣାଳୀ ପରବେଶ ଉନ୍ନୟନ ଓ ପରିବେଶ ସୁରକ୍ଷା ମଧ୍ୟରେ ସମନ୍ୱୟର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ଦ୍ୱାରା ବିଶେଷଜ୍ଞପାପ୍ତା ଆଦର୍ଶ ମଡେଲ ହୋଇଛି । ବନ ବିଭାଗ ଓ ଭାରତୀୟ ରେଳ ବିଭାଗର କର୍ମଚାରୀ ?ମାନେ ଏହାକୁ ବେଶର ଅନ୍ୟାନ୍ୟ ଭଳ ଦୁର୍ଘଟଣାସହିତ ରେଳପଥରେ ଅନୁପ୍ରୟୋଗଯୋଗ୍ୟ ଏକ ଆଦର୍ଶ ମଡେଲ୍ ବୋଲି ଶ୍ୱାଘା କରିଛନ୍ତି। "କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ବନ୍ୟଜନ୍ତୁ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଆଜି ପାନପୋଷ ଠାରେ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି ଏବଂ ଏସିଏଫ୍ ସୁରଜିତ୍ କୁମାର ସାହୁ। ରାଉରକେଲାର ସଫଳତାକୁ ଦୃଷ୍ଟିରେ ରଖି ଓଡ଼ିଶାର ଅନ୍ୟାନ୍ୟ ବନ ବିଭାଗମାନେ ମଧ୍ୟ ଏପରି ଏଆଇ ଭିତ୍ତିକ ପ୍ରଣାଳୀ ଆରମ୍ଭ କରୁଛନ୍ତି ବୋଲି କହିଥିଲେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି।

ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ

ଜୟପୁର, ୧୮/୨(ନି/ପ୍ର): ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ ଅବସରରେ ବଣମନ୍ତପୁର ବ୍ଲକ ର ମରିଚଗୁଡା ଗ୍ରାମରେ ମହିଳା ଚାଷୀମାନଙ୍କର ସଚେତନତା ଏବଂ ସଶକ୍ତିକରଣ ନିମନ୍ତେ ଏକ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବଣମନ୍ତପୁର ବ୍ଲକ ର ୪୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ । କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନ, ଅକ୍ଳାନ୍ତ ପରିଶ୍ରମ ଏବଂ ବିଶ୍ୱ ଖାଦ୍ୟ ଯୋଗାଇବାରେ ସେମାନଙ୍କ ପ୍ରମୁଖ ଭୂମିକା ନେଇଥିଲେ ।

ଟ୍ରୀ-ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସଂପନ୍ନ

ରାଉରକେଲା,୧୮/୨(ନି/ପ୍ର): ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ଆରମ୍ଭ ହୋଇଥିବା ଟ୍ରୀ - ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆଜି ସଂଧ୍ୟାରେ ସମ୍ପନ୍ନ ହୋଇଯାଇଛି। ଆଜିର ସମାପନ ସମାରୋହରେ ଲାଠିକଟା ତହସିଲଦାର ମୁରଲିଧର ଉର୍ମାଲ ମୁଖ୍ୟ ଅତିଥି ଭାବରେ ଏବଂ ଜିଲ୍ଲା କୃଷି ଅଧିକାରୀ ଜି.ଜୟନ ସଷ୍ଟାନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ପ୍ରଦର୍ଶନୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ପାନପୋଷକୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଜିଲ୍ଲା ହସ୍ତଶିଳ୍ପ ବିଭାଗକୁ

ଦ୍ୱିତୀୟ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଜିଲ୍ଲା କୃଷି ବିଭାଗ ଠାରୁ ଆରମ୍ଭ କରି ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ହସ୍ତଶିଳ୍ପ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପର୍ଯ୍ୟନ୍ତ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଏତଦ୍‌ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ ସହିତ ଆଚଂଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ରରକଫୁ ବିଆଯାଇଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ୧୮ଟି ଷ୍ଟଲ୍ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ରାଉରକେଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୀମା ଫାଟିମା ଏକ୍କା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିକ୍ରେତା ବିକାଶ କାର୍ଯ୍ୟକ୍ରମ

ରାଉରକେଲା,୧୮/୨(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଓ ଓଡିଶା ସରକାରଙ୍କ ଏମଏସଏମଇ ବିଭାଗର ଷ୍ଟାର୍ଟ ଅପ ଓଡିଶା ଦ୍ୱାରା ଫେବୃଆରୀ ୧୭ ତାରିଖରେ ସିପିଡିଆଇ ଠାରେ ଏମଏସଏମଇ ପ୍ରଦର୍ଶନ ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା (ଆରଏସଏମପି) ଉଦ୍ଦେଶ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ଅଂଶଗ୍ରହଣକୁ ସୁଦୃଢ଼ କରିବା ଉପରେ ଏକ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ଦ୍ଦାହ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଶ୍ରୀ ଟି ବିନୋଦ, ଜିଲ୍ଲା ଶିଳ୍ପ କେନ୍ଦ୍ର (ଡ଼ିଆଇସି) ରାଉରକେଲାର ଜିଏମ ଶ୍ରୀ ସୃଷ୍ଟି ରଞ୍ଜନ ରାଉତରାୟ, ଲନଭଏସ୍ ମାର୍ଟ (ଟ୍ରେଡ୍ସ)ର ଆଚଂଳିକ ପରିଚାଳକ ଶ୍ରୀ ନିଖିଲ ପାଣ୍ଡାଙ୍କ ଏବଂ ଜିଏମ- ବିଶେଷଜ୍ଞ ଶ୍ରୀ ସୁଧାଂଶୁ ପ୍ରଧାନ ମଞ୍ଚରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏମଏସଏମଇ ପ୍ରତିନିଧି ଏବଂ ପଣ୍ଡଧାରୀଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଶ୍ରୀ ଅନିଲ କୁମାର ତାଙ୍କ ବକ୍ତବ୍ୟରେ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ସହ ସ୍ୱଚ୍ଛ ଏବଂ ସଂଗଠିତ କ୍ରୟ ପ୍ରକ୍ରିୟା ମାଧ୍ୟମରେ ଏମଏସଏମଏସଇ ପାଇଁ ସୁଯୋଗ ବୃଦ୍ଧି କରିବା ପ୍ରତି ଆରଏସପିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ସୃଷ୍ଟି ରଞ୍ଜନ ରାଉତରାୟ ତାଙ୍କ ବକ୍ତବ୍ୟରେ ଆରଏସପି ପରବେଶ ଅଧୀନରେ ଏମଏସଏମଇ କାର୍ଯ୍ୟସଷ୍ଠତାକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ଏବଂ ସରକାରୀ ଏଜେନ୍ସିଗୁଡ଼ିକ ମଧ୍ୟରେ ସହଯୋଗମୂଳକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶ୍ରୀ ସୁଧାଂଶୁ ପ୍ରଧାନଙ୍କ ଦ୍ୱାରା ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ) ପ୍ଲାଟଫର୍ମ ଉପରେ ଏକ ବିଶେଷଜ୍ଞ ଅଧିବେଶନ

ପରିଚାଳନା କରାଯାଇଥିଲା । ଏହି ଅଧିବେଶନରେ ଜିଇଏମ ପୋର୍ଟାଲର ସାରାଂଶ, ସରକାରୀ କ୍ରେତାଙ୍କ ନିକଟରେ ସିଧାସଳଖ ପହଂଚିବା, ସ୍ୱଳ୍ପ କ୍ରୟ ଏବଂ ସମଯୋଚିତ ଦେୟ ସମେତ ଏମଏସଏମଇ ପାଇଁ ଲାଭ ଜନ୍ୟାଉ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା । ବିକ୍ରେତା ପଞ୍ଜିକରଣ, ଉତ୍ପାଦ/ସେବା ତାଲିକା, ଡକ୍ୟୁମେଣ୍ଟେସନ୍ ଆବଶ୍ୟକତା ଏବଂ ସାଧାରଣ ତ୍ୱରାବଧାନ ଉପରେ ଏକ ଲାଇଭ୍ ପ୍ରଦର୍ଶନ ମଧ୍ୟ ଉପସ୍ଥାପନ କରାଯାଇଥିଲା । ଲନଭଏସ୍ ମାର୍ଟର ରିଲେସନସିପ୍ ମ୍ୟାନେଜର ଶ୍ରୀ ନିଖିଲ ପାଣ୍ଡାଙ୍କ୍ ବାଣିଜ୍ୟ ଗ୍ରହଣୀୟ ରିଜାଟି ବ୍ୟବସ୍ଥା (ଟ୍ରେଡ୍ସ) ଉପରେ ଏକ ସୂଚନାମୂଳକ ଅଧିବେଶନ ପ୍ରଦାନ କରିଥିଲେ, ଯେଉଁଥିରେ ବିଲ୍ ରିଜାଟି ବ୍ୟବସ୍ଥା, ଯୋଗାଣକାରୀ, କ୍ରେତା ଏବଂ ଆର୍ଥିକ ପ୍ରଦାତାଙ୍କ ଭୂମିକା, ଏଷ୍ଟ-ଟୁ-ଏଣ୍ଡ ଲନଭଏସ୍ ରିଜାଟି ପ୍ରବାହ ଏବଂ ସମାଧାନ ଚକ୍ର ବ୍ୟାଖ୍ୟା କରାଯାଇଥିଲା । ବୈଷୟିକ ଅଧିବେଶନରେ ଶ୍ରୀ ଟି ବିନୋଦ ଆରଏସପିର ବାର୍ଷିକ କ୍ରୟ ମୂଲ୍ୟାଙ୍କନ ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ, ଯେଉଁଥିରେ କ୍ରୟ ଆବଶ୍ୟକତା, କଳାଂମାଲର ବର୍ଗ, ସହାୟକ ସାମଗ୍ରୀ ଏବଂ ଜଳ୍ପମେଟ୍ରଲ ସାମଗ୍ରୀର ବର୍ଗ ଏବଂ ସ୍ଥାନୀୟ ଏମଏସଏମଇ ଅଂଶଗ୍ରହଣର ପରିସର ବିଷୟରେ ଆଲୋଚନା କରାଯାଇଥିଲା । ପରେ ସେଲ୍,ଆରଏସପି ର ସାମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏମ୍.ବି. କୁମାରଙ୍କ ଦ୍ୱାରା ଆଉ ଏକ ଉପସ୍ଥାପନା କରାଯାଇଥିଲା ଯେଉଁଥିରେ ବିକ୍ରେତା ବିକାଶ ପ୍ରକ୍ରିୟା, ସେଲ୍ ବିକ୍ରେତା ପୋର୍ଟାଲରେ ପଞ୍ଜୀକରଣ ପ୍ରକ୍ରିୟା, ଡକ୍ୟୁମେଣ୍ଟେସନ୍ ଆବଶ୍ୟକତା, ପୂର୍ବ-ଯୋଗ୍ୟତା ମାନଦଣ୍ଡ, ମୂଲ୍ୟାଙ୍କନ ସମୟସୀମା, ବିକ୍ରେତା ମୂଲ୍ୟାଙ୍କନ ଏବଂ ଅତିଚ୍ ପ୍ରକ୍ରିୟା ଏବଂ ଦେୟ ସର୍ତ୍ତାବଳୀ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା ।

ଶ୍ରୀ ଶ୍ରୀ ହରି ହର ଭେଟ

ରାଉରକେଲା,୧୮/୨(ନି/ପ୍ର): ସେକ୍ଟର-୨ ସିଟି ମାର୍କେଟ ଠାରେ ୬୪ତମ ଶ୍ରୀ ଶ୍ରୀ ହରି ହର ଭେଟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସେକ୍ଟର ୩ ସ୍ଥିତ ରାମ ମନ୍ଦିରରୁ ହରି ଓ ସେକ୍ଟର-୨ ତ୍ରିନାଥ ମନ୍ଦିରରୁ ହର ଙ୍କ ମେଢ ବାଣ ରୋଷଣୀରେ ଆସି ସେକ୍ଟର୦୨ ମାର୍କେଟ ଠାରେ ମିଳନ ହୋଇଥିଲେ । ଏହି ଅବସରରେ ସେଠାରେ ସିଦ୍ଧେଶ୍ୱର ସୁରସାଗର ଚରଫଗୁ ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା । ଏଥିରେ ସର୍ବଶ୍ରୀ କିଶୋର ମହାନ୍ତି, ମାନସୀ ବେ, ବିଲ୍ଲିପ ପୃଷ୍ଟି , ପ୍ରଣବୀ ମିଶ୍ର, ପ୍ରବୋଧ କୁମାର ନାୟକ,ଜିଲିରାଣୀ ପଣ୍ଡା ପ୍ରମୁଖ ଭଜନ ପରିବେଷଣ କରିଥିଲେ । ସେହିପରି ହରି ହର ଙ୍କ ମାନବୀୟ ଲୀଳା ପ୍ରଦର୍ଶନ କରାଯାଇଥିଲା । ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନା ରେ ରଣ୍ଜିତ ସାହାଣୀ, ଶଙ୍କର ଜେନା, ସଭାପତି ଅରୁଣ ପ୍ରସାଦ ମିଶ୍ର,ବାପି ଆଚାର୍ଯ୍ୟ, ଚିନ୍ମୟ ସାମଲ, ରମେଶ ଜେନା, ଆଦିତ୍ୟ ବାରିକ, ବିରେନ୍ଦ୍ର ନାରାୟଣ ସ୍ୱାଇଁ, ଦୁର୍ଗା ଜେନା,ଲୁସି ଦାଶ, ସୁଶାନ୍ତ

କୂଅରେ ପଡ଼ିଲା ଦନ୍ତା : ଜେସିବି ସାହାଯ୍ୟରେ